ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୫, ସେପ୍ଟେମ୍ବର ୭

# ତର୍କ ଓ ମୀମାଂସା


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଏଥି ଦୁଇଟି ଶବ୍ଦରୁ ତିନିଜଣ ବା ତିନି ଥାକିଆ ସ୍ତରର ବ୍ୟକ୍ତିଗଣ ବା ପର୍ଯ୍ୟାୟ ଉଥାପକ ପରିଚାଳକ ନିଶ୍ଚେଜଡ଼ିତ । ଦୁଇ ଗୋଷ୍ଠୀ ବା ଦୁଇ ବ୍ୟକ୍ତି ବା ଦୁଇ ଚରିତ୍ର ନହେଲେ ତର୍କ ହୋଇନପାରେ । ଆଉ ଦୁଇ ତର୍କ ମଧ୍ୟରେ କାହାର ଭୁଲ କାହାର ଠିକ ଏହା ଶାସ୍ତ୍ରଜ୍ଞାନ ଉପସ୍ଥିତି ବୁଦ୍ଧି ଓ ଅଭିଜ୍ଞତାରୁ ମୀମାଂସା ଦେବାକୁ ହୁଏ । ତର୍କର ମୂଳଭିତି ହେଉଛି 'ରଙ୍ଗ ଆଣ୍ଡ ରାଇଟ' । ଏହା ସଂକ୍ଷିପ୍ତ 'ୱାର' ଯାହା ତର୍କବାଦୀ । ଏଥିରେ କୌଣସି ପକ୍ଷ କେବେ ନିଜ ଭୁଲଥିବା ସ୍ୱୀକାର କରନ୍ତି ନାହିଁ । ଘଟଣା ନିଶ୍ଚେ ଘଟିଛି, ଏକଥା ସତ୍ୟ ହେଲେ ଘଟଣାଟି କ'ଣ ? ଏଥିର ବି ଦୁଇଟି ସ୍ତର ଅଛି, ଘଟଣାରେ ଆଇନର ସତ୍ୟଦିଗ କ'ଣ ଓ ଅଭିଯୋଗ କ'ଣ ? ଏଇଥିରେ ନ୍ୟାୟ ଦିଗ ଖୋଜା ଯାଇ ମୀମାଂସା କରାଯାଏ ।

ମୀମାଂସାରେ ଜଣେ ଖୁସି ହୁଏ ଆଉଜଣେ ଦୁଃଖିତ ଅପମାନିତ ମନେକରେ । ଏପରିକି ବିଦ୍ରୋହାତ୍ମକ ଚିନ୍ତାରେ ଆସି ଏକ ଭିନ୍ନ ଅପରାଧ ରଚାଇ ପାରନ୍ତି ଏସବୁ ପାଇଁ ରାଜଦଣ୍ଡ ନୀତିର ଭୟକୁ ଜାହିର କରାଯାଏ । ଏପରି ଗୁରୁତର ଅପରାଧିକୁ ଜେଲ ଜୋରିମାନା ଏପରିକି ଉମରକୈଦ ବା ପ୍ରାଣଦଣ୍ଡ ବିଧାନର ନଜିର ରହିଛି । ସଂସାର ହୋଇଛି ବାଘ ସିଂହ ପରି ମାଂସାଶି ପ୍ରାଣୀ ରହିବେ । ହରିଣ, କୁତ୍ରା, ଛାଗ, ମେଷ, ଠେକୁଆ ପରି ତୃଣଭୋଜୀ ପ୍ରାଣୀ ରହିବେ । ଜଙ୍ଗଲରେ ଏକ ଜଳାଶୟ ଏଥିରୁ ସମସ୍ତେ ତୃଷ୍ଣା ଲାଗିଲେ ଜଳପାନ କରିବେ, ପରସ୍ପର ଫନ୍ଦି କରି ଜୀବନ ସଂଘର୍ଷରେ ବ*ବେ ମାତ୍ର ଏସବୁ ମଧ୍ୟରେ ଖାଦ୍ୟ ଖାଦକ ସ୍ତର ରହିଛି । ପ୍ରାଣାନ୍ତକ ବା ପ୍ରାଣହାରିବା ବେଳର ଚିତ୍କାର ତୃଣଭୋଜୀ ମାନେ ଶିକାର ହେଲାବେଳେ କରିଥାନ୍ତି । ଏପରି ମନୁଷ୍ୟ ବୀରତ୍ୱ ଦେଖାଇ ବାଘ ସିଂହା ପରି ହିଂସ୍ର ଜନ୍ତୁକୁ ତୀର ଗୁଳିଗୋଳାରେ ହତ୍ୟା ବେଳେ ସଂପୃକ୍ତ ଜନ୍ତୁଟିର ଆର୍ତନାଦ ଶୁଣାଯାଏ । ଏହି ଆର୍ତ ଜୀବଟିର ଆର୍ତନାଦ କିନ୍ତୁ କେହି ଶୁଣି ତତ୍କାଳ ପ୍ରତିବାଦ ପ୍ରତିକାର କରନ୍ତି ନାହିଁ ।

ମନୁଷ୍ୟ ବି ଏହି ବାଘ ସିଂହ ଗୁଣ ବିଶିଷ୍ଟ । ମାଛ, ମାଂସ ପ୍ରତି ଏତେ ଲାଳସା ପୂର୍ଣ୍ଣ ଲୋଲୁପ ଦୃଷ୍ଟି ନିରୀହ ଜୀବ ପ୍ରତି କଠୋର ମନୋବୃତି ଯହିଁରେ ତାର ଅଙ୍ଗକୁ ଟୁକୁରା ଟୁକୁରା ରକ୍ତ ଜଡ଼ୁବୁଡୁରେ ଜୀବନ ଛଟପଟ ଦୟାର୍ଦ୍ର ବିବେକୀ ନ ହୋଇ ତାକୁ ଅମୋଦୀ ଭୋଜନର ଅଂଶ କରୁଛନ୍ତି । ତଫାତ ବାଘ ସିଂହ ବିଲୁଆ କୁକୁର ଶାଗୁଣା କୁଆ କ* ମାଂସ ଖାଆନ୍ତି ମନୁଷ୍ୟ ତାକୁ ସିଦ୍ଧିକରି ପୋଡ଼ିକରି, ତୈଳପାକ କରି ମସଲାଦି ମିଶାଇ ଭୋଜନ କରୁଛି । ନିରୀହ ପଶୁପକ୍ଷୀ ଯେପରି ଅପରାଧ କରି ଜନ୍ମ ହୋଇଛନ୍ତି କେବଳ ଅପମୃତ୍ୟୁ ଭୋଗିବା ପାଇଁ । ପ୍ରଜାପତି ବ୍ରହ୍ମାଙ୍କର ସୃଷ୍ଟିରେ ଏପରି ଭ୍ରମକୁ ପଶୁପତି ଶଙ୍କରଙ୍କର ପଶୁରକ୍ଷା ପାଇଁ ତ୍ରିଶୂଳ ଧାରଣ ପ୍ରକୃତରେ ଯେ କଣ କାମ କରୁଛି ଏହା ଭାବିବା କଥା, ଭଗବାନ ବିଷ୍ଣୁ ସେ ପାଳନକର୍ତା ପୋଷଣକର୍ତା ସେ ନାନାଦି ଶସ୍ୟ, ଫଳ, ମୂଳ ଶାଗପତ୍ର, ଚେରମୂଳୀ ସୃଷ୍ଟି ଦ୍ରବ୍ୟକୁ ମନୁଷ୍ୟ ପାଇଁ ଭୋଜ୍ୟ ଦ୍ରବ୍ୟ କରି ଏହାକୁ ଶାସ୍ତ୍ରଜ୍ଞାନରେ ଏସବୁ ବଂଶ ବୃଦ୍ଧି କରାଇ ନିଜର ବଂଶବୃଦ୍ଧି ସହିତ ଆଗେଇ ନେଇ ନେଇ ଚାଲିଲେ ଭୋଜ୍ୟ ଦ୍ରବ୍ୟ ମାନରେ ଅଭାବ ରହିବ ନାହିଁ । ହେଲେ ମନୁଷ୍ୟ କ'ଣ କରୁଛନ୍ତି ? କ'ଣ ଭାବୁଛନ୍ତି ? ଜଙ୍ଗଲରେ ବି ନିଷ୍କ୍ରିୟ ଶିକାର ପାଇଁ ହିଂସ୍ର ବାଘ ସିଂହଙ୍କୁ ଶେଷ କରି କରି ମନୁଷ୍ୟ ଚାଲିଛି । ଯାନବାହାନ ବଡ଼ ବଡ଼ ଯନ୍ତ୍ର ବାହାରିବା ପରେ ହାତର ଆଉ ଆବଶ୍ୟକ ପଡୁନାହିଁ । ହାତିଧରା ଖଦା ଲୋକ କଥାରେ ଅଛି ଇତିହାସରେ ଅଛି ଯୁଦ୍ଧରେ ଗଜବାହିନୀ କଥା ଅଛି ମାତ୍ର ଏବେ ହାତିଙ୍କ ପାଇଁ ଜଙ୍ଗଲରେ ବୃକ୍ଷ ନାହିଁ ଯେ ସେମାନେ ଭୋଜନ କରିବେ, ଜଳାଧାର ପୁଷ୍କରିଣୀ ଜଙ୍ଗଲରେ ପୋତା ପୋତି ନହେଲେ କଳକାରଖାନା ପାଇଁ ଜଙ୍ଗଲ ଜମି ଆ୍ ହାତି ମରିବା ସର୍ବଦା ଖବର ପଢ଼ିବାକୁ ଶୁଣିବାକୁ ମିଳୁଛି ।

ପୂର୍ବେ ଧାନ ବିଲରେ ବର୍ଷା ଋତୁରେ କେତେ ରକମର ଚୁନାମାଛ କରାଣ୍ଡୀ, ଦଣ୍ଡକିରି, ମହୁରାଳୀ, ବୋତଖାଡ଼ି, ବାଲିଘୁଙ୍ଗୁରି, କଉ, ଗଡ଼ିଶା, ତୋଡ଼ି, ଘଷିପଟା, ଚିଙ୍ଗୁଡ଼ି, କାହୁଁ ଜନ୍ମ ହୋଇ କ୍ଷେତ୍ରର ହିଡ଼ ବାଡ଼ ମଧ୍ୟରେ ଦୁଇ ତିନି ମାସ ବଂଶ ବିସ୍ତାର କରିବା ବେଳେ ମନୁଷ୍ୟର ଆହାରରେ କ* ପିତା ଶୁଖୁଆରେ ଆସୁଥିଲେ । ଏମିତି ବେଳ ହେଲା ଧାନକ୍ଷେତ୍ରରେ ପୋକମରା ବିଷ ପ୍ରୟୋଗ ବହୁଳ ଭାବରେ ହେଲା ଏସବୁ ବିଲୁପ୍ତ । ବଡ଼ ବଡ଼ ରାସ୍ତା ତିଆରି ହେଲା ବହୁ ମାନବ ଆବସ କଳକାରଖାନା ବ୍ୟାପକ ଭାବରେ ବସିଲା, ଏପାଇଁ ତୋଟା ଜଙ୍ଗଲ ବହୁ ବଡ଼ ବଡ଼ ଗଛ ମାନ ବାରମ୍ବାର କଟା ଚାଲିଛି । ବୃକ୍ଷ ରୋପଣ ଖାତା କଲମର ହେବା ଶୁଣା ଯାଉଛି କାହିଁ ବୃକ୍ଷରାଜୀ । ଲୋକ ପର୍ଯ୍ୟାୟ କ୍ରମରେ ଜାଳେଣୀ ପାଇଁ ଗଛ ଲଗାଇ ଗଛ ହାଣୁଥିଲେ ରନ୍ଧନ ଗ୍ୟାସ ସହଜରେ ମିଳିବାରୁ ଏ ଦିଗରେ କେହି ମନ ଦେଉନାହାଁନ୍ତି । କାଳକ୍ରମେ କାଠ ନାହିଁ କି କରତକଳ ନାହିଁ, କମାର ଘରେ କୁରାଢ଼ି ଟାଙ୍ଗିଆ ତିଆରି କରାଯାଉନାହିଁ । ଏସବୁ ଅନ୍ୟାୟ ଘଟଣା କି ନ୍ୟାୟ ଘଟଣା କେହି ବୁଝିବାରେ ନାହିଁ ଏ ପାଇଁ ତର୍କ ନାହିଁକି ମୀମାଂସା ନାହିଁ । ଜନସ୍ୱାର୍ଥ ମାମଲା କରୁଛି କିଏ ? ସବୁ ଯେପରି ପ୍ରଳୟ ଦିଗକୁ ଶୀଘ୍ର ଶୀଘ୍ର ବଢ଼ିବାରେ ଲାଗିଛି । ପ୍ରକୃତି ବିଚିତ୍ର କେଉଁଠି ଜଳବାୟୁ କିପରି କେଉଁ ପ୍ରବଳ ଉଚ୍ଚସ୍ଥାନ କେଉଁ ନୀଚରୁ ଆହୁରି ନୀଚ ସ୍ଥାନ କେଉଁଠି ନଦୀ, କେଉଁଠି ମରୁଭୂମି ପର୍ବତମାଳା କେଉଁ ଜଳବନ୍ଦୀ କେଉଁଠି ବାଲୁକା ବନ୍ଦୀ, ଏ ମଧ୍ୟରେ ସର୍ବତ୍ର ଜୀବଜନ୍ତୁ ମନୁଷ୍ୟ ବସ କଲେ ଏକପ୍ରକାର ଭାବନା ନାହିଁ ଏକ ପ୍ରକାର ଖାଦ୍ୟ ନାହିଁ । ଏଥିରେ ଏହି ଏହି ଅ*ଳରେ ମାନବ ବ*ବା ପାଇଁ ଖାଦ୍ୟ ପାନୀୟ ବାସଗୃହରେ ବସତି ସହିତ ତତ ସ୍ଥାନରେ ଅଭାବ ଓ ଭାବ ପାଇଁ ଅନ୍ୟ ଅ*ଳର ସମ୍ପର୍କରେ ଆସୁଛନ୍ତି । ଏ ପାଇଁ ଅଭାବ ପାଇଁ ଆମଦାନୀ, ଭାବ ପାଇଁ ରପ୍ତାନୀ ହେଉଛି । ଏଥିରୁ ସୁଖିଲାରେ ପୁଅ ଖେଳାଉଛନ୍ତି ବଣିକ ଦଲାଲ ଓ ତତସ୍ଥାନ ସରକାରମାନେ । ପଣ୍ୟକର ଆଦି ବହୁ ପ୍ରକାର କରରେ ରାଜକୋଷକୁ ଧନ ଆଣିବା ତତ ସ୍ଥାନ ସରକାର ମାନଙ୍କର କାର୍ଯ୍ୟ । ଏଇଥିରେ ଜଳ ପାଇଁ ସ୍ଥଳ ପାଇଁ ଆକାଶ ପାଇଁ ଖାଦ୍ୟ ଦ୍ରବ୍ୟ ପାଇଁ ବ୍ୟବହାର ଦ୍ରବ୍ୟ ପାଇଁ ଓ ରାଜକର ପ୍ରଜାଙ୍କ ଠାରୁ ଅଧିକ ପ୍ରାପ୍ତି ପାଇଁ ଦେଶ ଦେଶ ମଧ୍ୟରେ ମନ ମାଳିନ୍ୟ ଯୁଦ୍ଧ ଦାନା ବାନ୍ଧୁଛି । ଯୌବନ ବେଳେ ଯୌନ ସାଥି ଦରକାର ପୁରୁଷଙ୍କର ଦୁର୍ଦ୍ଦାନ୍ତ ଯୁବକ ଯୌନଚର୍ଯ୍ୟା ପାଇଁ ସୁନ୍ଦରୀ ନାରୀ ମାନଙ୍କ ପାଇଁ ବି ସୀମାପାର ରକ୍ତପାତ ଭୟ ଦେଖାଇ କାଣ୍ଡ ଘଟାଉଛନ୍ତି । ପ୍ରତ୍ୟେକ ଦେଶରେ ବିଚାରାଳୟ ଅଛି । ସେହି ଦେଶର ଘଟଣାର ସିନା ସେମାନେ ନ୍ୟାୟ ଦେଉଛନ୍ତି ମାତ୍ର ସେ ଦେଶର ଲୋକେ ଅନ୍ୟତ୍ର ଅଘଟଣ ଘଟାଇ ସେ ଦେଶର ସ୍ୱାଧୀନତାରେ ହସ୍ତକ୍ଷେପ କରି ପ୍ରବଳ ଅଶାନ୍ତି ସୃଷ୍ଟି କରୁଛନ୍ତି ଏ ପାଇଁ ପ୍ରତ୍ୟେକ ଦେଶର ବିଚାରାଳୟ କିଛି ନ୍ୟାୟ ଏମିତି ରଖି ଦେଶର ଲୋକ ଅନ୍ୟତ୍ର ହିଂସା ରଚାଉଛନ୍ତି ତା ପାଇଁ ଖୋଜି ଖୋଜି ସେ ଅପରାଧିଙ୍କୁ ଦଣ୍ଡିତ କରୁନାହାଁନ୍ତି । ଦେଶର ସରକାର ଅପରାଧିଙ୍କୁ ଏମିତି ପ୍ରଶୟ ଦେଇ ଦେଶକୁ ଯୁଦ୍ଧ ପଥକୁ ଭିଡ଼ି ଧ୍ୱଂସପଥକୁ ନେଉଛନ୍ତି ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ସ୍ୱାଧୀନତାର ଉପଲବ୍ଧି : କୁଳ କୁଣ୍ଡଳିନୀ ଜାଗରଣ


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସ୍ୱାଧୀନତା ପ୍ରାପ୍ତିପରେ ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱ ବିତିଗଲା । ତଥାପି, ଜୀବନର ଅନୁଭବରେ ସନ୍ଦେହର ପ୍ରଶ୍ନ ଉଠିଲା । 'ରାଜନୈତିକ କ୍ଷମତା ହସ୍ତାନ୍ତର' ପରେ ଦେଶ ସିନା ସ୍ୱାଧୀନ ହୋଇଗଲା, ଦେଶବାସୀଙ୍କୁ ସତରେ ମିଳିଲା କି ସ୍ୱାଧୀନତାର ସୁଫଳ ? ସଂଖ୍ୟାଧିକ ଶ୍ରେଣୀର ଲୋକଙ୍କୁ ପ୍ରକୃତରେ ମିଳିଲା କି ମୁକ୍ତି ଅର୍ଥନୈତିକ ଅଧୀନତାରୁ । ମଣିଷ ହେଉ, ସମାଜ ହେଉ ତାହାର କୃତ ଓ ପ୍ରଦର୍ଶିତ କାର୍ଯ୍ୟ ଦ୍ୱାରା ତାହାର ସ୍ଥିତି, ଗତି ବିଚାର୍ଯ୍ୟ । ସେଭଳି ସ୍ୱାଧୀନତାର ସଫଳତା ବିଫଳତା ତାହାର ଗତାନୁଗତିକତା ତଥା ଗତିଶୀଳତା ମଧ୍ୟ ବିଚାର୍ଯ୍ୟ । ମନେହୁଏ, ତାହା ମଧ୍ୟ ଅନୁଧ୍ୟାନ, ବିଶ୍ଳେଷଣର ବେଶ୍ ଉପଯୋଗୀ ଉପାଦାନ ତଥା ଆବଶ୍ୟକ ଅନୁଚିନ୍ତା ପୁନଃ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ । ନିଷ୍ପକ୍ଷ ତଥା ନିରପେକ୍ଷତା ସହ ରାଜନୈତିକ, ଅର୍ଥନୈତିକ, ସାମାଜିକ, ତଥା ସାଂସ୍କୃତିକ କ୍ଷେତ୍ରର ଗତିଶୀଳତା ଲକ୍ଷ୍ୟ କଲେ ଯେଉଁ ପ୍ରତିଫଳନ ଦୃଷ୍ଟିଗୋଚର ହୁଏ ତହିଁରୁ ସ୍ପଷ୍ଟ ହୃଦ୍‌ବୋଧ ହୁଏ ଯେ ସ୍ୱାଧୀନତାର 'ରାମରାଜ୍ୟ' ସ୍ୱପ୍ନ ତଥା ଗଣତାନ୍ତ୍ରିକ ଶାସନର ସୁଖଦ କଳ୍ପନା କୁହେଳିକା ମାତ୍ର । 'ଗଣ' ଦ୍ୱାରା ଗଠିତ ହେଲେ ମଧ୍ୟ ପ୍ରଚଳିତ 'ତନ୍ତ୍ର'କୁ 'ଦ୍ୱନ୍ଦ୍ୱ ତନ୍ତ୍ର' କହିବା ହିଁ ସମୀଚୀନ ହେବ । ଉଭୟ 'ଗଣ' ଏବଂ 'ତନ୍ତ୍ର' ଦୂରେଇ ଯାଇଛନ୍ତି ଭାରତୀୟ ସଂସ୍କୃତି 'ଉଚ୍ଚ ଚିନ୍ତା, ତ୍ୟାଗ, ପରୋପକାର, ସହନଶୀଳତାର ବହୁତ ଦୂରକୁ । ଅଧିକାଂଶ ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ପାଇଁ 'ତନ୍ତ୍ର' ଦକ୍ଷ ହୋଇନି ଏ ଯାଏଁ ।

ସାମାଜିକ କ୍ଷେତ୍ରରେ ଆଜି ଭାରତର ଅଗଣିତ ଜନସାଧାରଣ ସ୍ୱାଧୀନତାରୁ ବ*ତ । ନୈତିକତାର ମୂଳ କଥା ହେଲା ଯେ ନିଜେ ଭଲମନ୍ଦ ବାରି ପାରିବାର ବିବେଚନା ଶକ୍ତି ଓ ଯେଉଁଟା ଭଲ ମନେ ହେବ ତାହାକୁ ବାଛି ନେବାର ସ୍ୱାଧୀନତା । ଉନବିଂଶ ଶତାବ୍ଦୀରେ ଭାରତରେ ନବ ଜାଗରଣର ଯୁଗ ଆସିଲା, ରାଜା ରାମମୋହନ ରାୟଙ୍କଠାରୁ ମହାତ୍ମା ଗାନ୍ଧୀଙ୍କ ଯାଏ ବହୁ ମନୀଷୀ ଭାରତୀୟ ସମାଜର ଜଡ଼ତା ଉପରେ ପ୍ରଚଣ୍ଡ ପ୍ରହାର କରିଥିଲେ ଓ ଭୀତତ୍ରସ୍ତ ଜନତା ଭିତରେ ବହୁ ପରିମାଣରେ ନିର୍ଭୟତା ଆଣି ଦେଇଥିଲା । ମାତ୍ର ଏ ପ୍ରକ୍ରିୟା ପୂରା ହୋଇନଥିଲା । ସ୍ୱାଧୀନତା ପରେ ଆହୁରି ଦ୍ରୁତ ଗତିରେ ଚାଲିବାର କଥା ଥିଲା ।

ଯୁଗାବତାର ପୁରୁଷୋତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମତବ୍ୟକ୍ତ କଲେ – ଡେମୋକ୍ରେସିର ଅର୍ଥ ହେଉଛି ଗଣତନ୍ତ୍ର ଅର୍ଥାତ୍ ଜନଗଣର ଶାସନତନ୍ତ୍ର । କିନ୍ତୁ ମୋର ଗୋଟିଏ କଥା ସ୍ୱତଃ ମନରେ ଆସେ ଯେ ନିଜେ ଶାସିତ ନୁହେଁ ସେ କି କେବେ ଦେଶ, ସମାଜ ବା ରାଷ୍ଟ୍ରକୁ ଶାସନ କରିବାର ଅଧିକାର ବା ଯୋଗ୍ୟତା ଲାଭ କରିପାରେ ? ଶାସନତନ୍ତ୍ର ପ୍ରଣୟନ ବା ପରିଚାଳନାର ଦାୟିତ୍ୱଶୀଳ ପ୍ରତିନିଧି ଯେଉଁମାନେ ହେବେ ସେମାନଙ୍କର ଅନ୍ତତଃ ଉଚିତ କୌଣସି ଜଣେ ସୁନିୟନ୍ତ୍ରିତ ସଦ୍‌ଗୁରୁ ବା ଆଚାର୍ଯ୍ୟଙ୍କ ଶାସନାଧୀନ ରହି ନିଜକୁ ସୁସମାହିତ କରି ଉଠାଇବା ।

କୁଳ କୁଣ୍ଡଳିନୀର ଅର୍ଥ ବୁଝାଇବାକୁ ଯାଇ ଯୁଗପୁରୁଷୋତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ – କୁଳ କୁଣ୍ଡଳିନୀ ମାନେ ପ୍ରଧାନ ପ୍ରାଣକେନ୍ଦ୍ର ଯାହା ବିବର୍ତିତ ହୋଇ ଉଦ୍‌ଭିନ୍ନ ହୋଇଉଠିଛି । କୁଳ ମାନେ ଧାରା । ଧାରାଟି ଯେଉଁଠାରେ କୁଣ୍ଡଳୀକୃତ ହୋଇଛି ତାକୁ କୁଳକୁଣ୍ଡଳିନୀ କୁହାଯାଏ । ଇଡ଼ା, ପିଙ୍ଗଳା ଓ ସୁଷମ୍ନା ମାନେ ଗତିଶକ୍ତି, ଜ୍ୟୋତିଶକ୍ତି ଓ ଅବ୍ୟକ୍ତ ଶବ୍ଦରେ ଅତିଶାୟନୀ ସମ୍ବେଗ ଯାହାକି ପ୍ରତ୍ୟେକ ମନୁଷ୍ୟର ମେରୁଦଣ୍ଡ ଭିତରେ ରହିଛି । ଅନୁଭୂତିର ରାଜ୍ୟରେ ନାନା ସ୍ତର ରହିଛି – ଯଥା ଚିଦ୍-ଅଣୁ, ଚିଦ୍-ଅଣୁ ସମ୍ବଳିତ ଅଣୁ, ଅଣୁ-ସମ୍ବଳିତ ପରମାଣୁ, ପରମାଣୁ ସମ୍ବଳିତ କଣା ଓ କଣା ସମ୍ବଳିତ ପିଣ୍ଡିକା । ଯେପରି ଭୂ ର୍ଭୁବଃସ୍ୱ-ସପ୍ତଲୋକ, ସେହିପରି । ଭକ୍ତଜନ ପରିବେଷ୍ଟିତ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପରିପ୍ରକାଶ କଲେ – କୁଳକୁଣ୍ଡଳିନୀର ଜାଗରଣ ରହସ୍ୟ । କୁଳକୁଣ୍ଡଳିନୀକୁ କୁହାଯାଏ ମୂଳାଧାର । ଏଥିରେ ରହିଛି ଟାଣ ବା ଆକର୍ଷଣ, ଯୌଗିକ ସମ୍ବେଗ ଯାହା ଯୋଗୁଁ ଶୁକ୍ର ଓ ରଜଃ ମିଳିତ ହୁଏ । ଏହି ଯୌଗିକ ସମ୍ବେଗକୁ ନେଇ ଆମ୍ଭେମାନେ ଯଦି ସୁକେନ୍ଦ୍ରିକ ହୋଇପାରୁ ତାହାହେଲେ ଅନ୍ତର୍ନିହିତ ଧାରା ସମସ୍ତ ସମ୍ଭାବନା ନେଇ ସ୍ଫୁରିତ ହୋଇଉଠେ । କୁଳକଣ୍ଡଳିନୀର ଜାଗରଣ ସମୟରେ ସାଧକକୁ ବହୁତ ଚକ୍ର ଭେଦ କରିବାକୁ ହୁଏ । ଏହି ପ୍ରସଙ୍ଗରେ ବିଂଶ ଶତାବ୍ଦୀର ପରମ ବିସ୍ମୟ ଯୁଗପୁରୁଷୋତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ – ଚକ୍ର, ପଦ୍ମ, ଲୋକ, ମଣ୍ଡଳ ଇତ୍ୟାଦି ବିଭିନ୍ନ ସ୍ତର । ଯେଉଁ ସ୍ତରରେ ଆମେ ରହିବୁ ସେହି ସ୍ତରର ଅନୁଭୂତି ଲାଭ କରିବୁ । ସାଧାରଣ ମନୁଷ୍ୟ ଏହି ସଂସାରରେ ହିସାବ-ନିକାଶ ଦେଖନ୍ତି, ବୈଜ୍ଞାନିକମାନେ କାରଣ ଦେଖନ୍ତି, ଦାର୍ଶନିକମାନେ ଏହି କାରଣ ପଛରେ ସାଧାରଣ ଉପାଦାନ ଦେଖନ୍ତି । ତେଣୁ ଆମ୍ଭେମାନେ ଯେତେ ଊର୍ଦ୍ଧ୍ୱକୁ ଉଠିବୁ ସେତେ ଊର୍ଦ୍ଧ୍ୱ ସ୍ତରର ଅନୁଭୂତି, ଚଳନ ଓ ଚିନ୍ତା ଉପଲବ୍ଧି ଭିତରେ ଆସେ । ଆମ୍ଭେମାନେ ସଦାସର୍ବଦା ଅହଂ ଓ ପ୍ରବୃତି ଦ୍ୱାରା ଅଭିଭୂତ ହୋଇରହିଥିବାରୁ ଏହି ଊର୍ଦ୍ଧ୍ୱସ୍ତରର ଅନୁଭୂତି, ଚଳନ ଓ ଚିନ୍ତା ଉପଲବ୍ଧି କରିପାରୁନାହିଁ । କିନ୍ତୁ ଇଷ୍ଟାନୁଗ ଚଳନ ଓ ଗୁରୁଗତ ପ୍ରାଣ ହେଲେ ସବୁକିଛି ସାର୍ଥକ-ବିନ୍ୟାସ ହୋଇ ମୋକ୍ଷ ପ୍ରାପ୍ତି ହୁଏ । କୁଳକୁଣ୍ଡଳିନୀ ଭେଦ କଲେ ମୂର୍ଦ୍ଧା ବିକଶିତ ହୁଏ, ଏହି ପ୍ରସଙ୍ଗରେ କୁଳମାଲିକ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ – ପ୍ରଥମ ମୂର୍ଦ୍ଧା ହେଲେ ଈଶ୍ୱର ଓ ତାଙ୍କୁ ମିଳେ ସଦ୍‌ଗୁରୁଙ୍କ ଭିତରେ । ସଦ୍‌ଗୁରୁ ହେଉଛନ୍ତି ଉପାସନାର ବେଦୀ ଓ ଈଶ୍ୱିତ ତାଙ୍କ ନିକଟରେ ବନ୍ଧା । ଇଷ୍ଟପ୍ରାଣ ଚଳନରେ ପ୍ରବୃତି ସୁକେନ୍ଦ୍ରିକ ହେଲେ ଆତ୍ମବୀକ୍ଷଣ ଓ ଆତ୍ମନିୟମନ ଆସେ ଓ ଭବବନ୍ଧନ ଅତିକ୍ରାନ୍ତ ହୁଏ । ସେତେବେଳେ ସମସ୍ତ ସତା ଭିତରେ ଏକ ସୁଖକର ଅନୁଭୂତି ବ୍ୟାପ୍ତ ହୋଇପଡ଼େ, ଏହାକୁ ହିଁ କୁହାଯାଏ କୁଳକଣ୍ଡଳିନୀର ଜାଗରଣ । ଯଥାର୍ଥରେ ଭକ୍ତ ଗାଇଛନ୍ତି – ଜୟ ସଦ୍‌ଗୁରୁ ଈଶ୍ୱର ପ୍ରାପକ ହେ, ଭବରୋଗ ବିକାର ବିନାଶକ ହେ । ଦୃଢ଼ କଣ୍ଠରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତ କଲେ – ଯେଉଁ ସ୍ୱତଃସ୍ଫୁର୍ତ ଶାସନତନ୍ତ୍ର ପାରସ୍ପରିକ ସ୍ୱାର୍ଥାନ୍ୱିତ ପ୍ରୀତିମୁଖର ସେବା ମାଧ୍ୟମରେ ପ୍ରତିଟି ଅନୁରାଗଦୀପ୍ତ ବ୍ୟକ୍ତିତ୍ୱକୁ ଧାରଣ ଓ ପୋଷଣ କରେ ଏବଂ ସେମାନଙ୍କର ଉନ୍ନୟନୀ ଗତିର ଉପଯୋଗୀ ଲଓୟାଜିମାର ବ୍ୟବସ୍ଥା କରି ପ୍ରତ୍ୟେକ ଜୀବନ ଓ ବର୍ଦ୍ଧନକୁ ଉତ୍‌ଫୁଲ୍ଲ କରି ତୋଳେ, ତାହା ହିଁ ହେଲା ପାରସ୍ପରିକ ଐକ୍ୟ ସମ୍ବନ୍ଧ ପ୍ରୀତି ପରିଚର୍ଯ୍ୟାର ଆବାସଭୂମି, ପ୍ରୀତି ପ୍ରବୃଦ୍ଧ ଶାସନ ସମନ୍ୱିତ ସ୍ୱାଧୀନତା ଓ ସ୍ୱତଃସ୍ଫୁର୍ତ ଶାସନତନ୍ତ୍ରର ଔଜଲ୍ୟ୍ୟ ସହ ଗଣତନ୍ତ୍ର ସେଠାରେ ହାସ୍ୟମୁଖର ।

*ପ୍ରତିରକ୍ଷିକ ଓ ଅବସରପ୍ରାପ୍ତ ପ୍ରଫେସର,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର*
*ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# କାନ୍ତକବିଙ୍କ ଦୃଷ୍ଟିରେ ଗାନ୍ଧିବାଦ ଓ ଆଜିର ରାଜନୀତି


ଉମାଶଙ୍କର ପ୍ରସାଦ

ଆଜି ଦେଶବାସୀ ପାଳନ କରୁଛନ୍ତି ୭୮ ତମ ସ୍ୱାଧୀନତା ଦିବସ । ଏହି ଦିବସକୁ ଆମକୁ ପ୍ରଦାନ କରିବାରେ ଯିଏ ଜୀବନର ସର୍ବସ୍ୱ ତ୍ୟାଗ କରି ଥିଲେ ସିଏ ହେଉଛନ୍ତି ଜାତିର ଜନକ ମହାତ୍ମା ଗାନ୍ଧୀ । ଗାନ୍ଧୀଙ୍କୁ ନେଇ ସେଦିନ ନିଜ ଲେଖନୀର କାଉଁରି ସ୍ପର୍ଶରେ ସମଗ୍ର ଦେଶବାସୀଙ୍କୁ ଏକତାର ସୂତ୍ରରେ ଯିଏ ଅଭିମନ୍ତ୍ରୀତ କରିଥିଲେ ସେ ଥିଲେ ଓଡିଆ ସାହିତ୍ୟର କାଳଜୟୀ ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଯାହାଙ୍କ ରଚିତ 'ଜୀବନ ସଙ୍ଗୀତ' ଏକ ଅମଳିନ କୀର୍ତି । ପ୍ରଭୂ ଆଶୁତୋଷ ଭଗବାନ ଶିବ ନିଜେ ବିଷ ପାନ କରି ସମଗ୍ର ବିଶ୍ୱକୁ ଅମୃତ ପରିବେଶଣ କରିବା ପରି କାନ୍ତ କବି ନିଜ ଜୀବନର ସମସ୍ତ ବାଧାବିଘ୍ନ, ଅଭାବ ଅନାଟନ, ରୋଗ ଶୋକ ରୂପକ ବିଷକୁ ହସି ହସି ପାନ କରି ସମଗ୍ର ଦେଶ ବାସୀଙ୍କୁ ନିଜର କାନ୍ତ କୋମଳ ପଦାବଳୀ ଦ୍ୱାରା ଆନନ୍ଦ ରୂପକ ଅମୃତ ପରିବେଷଣ କରିଛନ୍ତି । ମାତ୍ର କେତୋଟି ମୂହୁର୍ତରେ ଅତିଥି କା'କବି ତାଙ୍କର ସୀମିତ ରହଣୀ ମଧ୍ୟରେ ସମଗ୍ର ଓଡିଆ ଜାତିକୁ 'ଜୀବନ ସଙ୍ଗୀତ' -ରୂପକ ଯେଉଁ ମାଳତୀ ଉପହାର ଦେଇ ଯାଇଛନ୍ତି ତାହା ଅଦ୍ୟାବଧି ନିଜର ସୁବାସ ଦ୍ୱାରା କୋଟି କୋଟି ଜନତାଙ୍କୁ ଆମୋଦିତ କରୁଛି । କାନ୍ତକବି କେବଳ କାନ୍ତ-କୋମଳ ପଦାବଳୀର ରଚୟିତା ନୁହଁନ୍ତି, ପରନ୍ତୁ ଜଣେ ଉଗ୍ର ଜାତିୟତା ବାଦୀ କବି ଭାବରେ ପ୍ରସିଦ୍ଧି ଲାଭ କରିଛନ୍ତି । ସ୍ୱାଧୀନତା ଆନ୍ଦୋଳନକୁ ଆଗେଇ ନେବା ପାଇଁ ବହୁ ସ୍ୱାଧୀନତା ସଂଗ୍ରାମୀ ଆତ୍ମବଳୀ ଦେବାକୁ ପ୍ରସ୍ତୁତ ହୋଇଥିଲେ, ଜାତିର ମାନସିକ ସ୍ତରରେ ମୁକ୍ତିର ଆଶା ଓ ଆକାଂକ୍ଷା ବଳବ□ର ହୋଇ ଉଠିଥିଲା । ଅଗ୍ନିରେ ଘୃତ ସଂଯୋଗ ପରି କା'କବି ଙ୍କ ଜାତୀୟ ସଂଗୀତ ଗୁଡିକ ସେହି ଆନ୍ଦୋଳନକୁ ଉଗ୍ରତର କରିଥିଲା । ସୁପ୍ତ ଓଡିଆ ଜାତିକୁ ନିଜର ଗୌରବାବହ ଅତିତକୁ ମନେପକାଇ ସେ କହିଥିଲେ 'ଉଡାଇ ନିଶାଣ, ବଜାଇ ଭେରୀ-ଜଗାଇ ବିପୁଳ କମ୍ପ/ ମନ୍ତ୍ର ପୂତ ଅନଳ ଭେଦି ଏ ଜାତି- ଯେ ଦିନ ଦେଲାରେ ଲମ୍ଫ' । କେବଳ ପଦ୍ୟରେ ନୁହେଁ, ସେ ତାଙ୍କ 'କଣା ମାମୁଁ' ଉପନ୍ୟାସରେ ମଧ୍ୟ ଦେଶାତ୍ମବୋଧର ପରିଚୟ ପ୍ରଦାନ କରି ଯାଇଛନ୍ତି । ଯୁବ ସମ୍ପ୍ରଦାୟକୁ ଏକତ୍ରିତ କରି ସେମାନଙ୍କ ମାଧ୍ୟମରେ ଏକତା ସୃଷ୍ଟି କରି ଅନ୍ୟାୟର ପ୍ରତିବାଦ କରିଛନ୍ତି । ତତ୍କାଳୀନ ଅନ୍ୟାୟର ସିପାହୀଙ୍କୁ ମାଡ ମାରି ଅନ୍ୟାୟର ପ୍ରତିରୋଧ କରିଛନ୍ତି । ଲକ୍ଷ୍ମୀକାନ୍ତ ଗାନ୍ଧିଜୀଙ୍କ ଭାବଧାରା ଦ୍ୱାରା ପ୍ରଭାବିତ ହୋଇ ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ କର୍ମପନ୍ଥାକୁ ପରୋକ୍ଷ ଭାବରେ ତାଙ୍କ ସୃଷ୍ଟି ମାଧ୍ୟମରେ ପ୍ରକାଶ କରିଛନ୍ତି । ଦକ୍ଷିଣ ଆଫ୍ରିକାରୁ ଫେରିବା ପରେ ବିଂଶ ଶତକର ଦ୍ୱିତୀୟ ଦଶକରେ ଗାନ୍ଧିଜୀ ଭାରତୀୟ ସମାଜରେ ସଂସ୍କାର ଆଣିବା ନିମି□ ଚେଷ୍ଟା କରିଥିଲେ । ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ବହୁ ଭାରତୀୟ ବିଦ୍ୱାନ ଭାରତର ନବଜାଗରଣର ସୂତ୍ରପାତ କରିବାକୁ ବଦ୍ଧ ପରିକର ହୋଇଥିଲେ । ଓଡିଶାରେ ମଧ୍ୟ ଏହି ଆନ୍ଦୋଳନ ବ୍ୟାପକ ରୂପ ଗ୍ରହଣ କରିଥିଲା । କାନ୍ତକବି ମଧ୍ୟ ଗାନ୍ଧିଜୀଙ୍କ ଆଦର୍ଶଦ୍ୱାରା ବହୁଭାବରେ ପ୍ରଭାବିତ ହୋଇଥିଲେ । ତାଙ୍କ ଦ୍ୱାରା ରଚିତ 'ଲକ୍ଷ୍ମୀ ଚଣ୍ଡାଳୁଣୀ' ରେ ଗାନ୍ଧିଜୀଙ୍କ ଆଦର୍ଶ ପ୍ରତିଫଳିତ ହୋଇଥିବାର ଲକ୍ଷକରା ଯାଇପାରେ । ଲକ୍ଷ୍ମୀକା' ଗାନ୍ଧିଜୀଙ୍କୁ ଏକ ବ୍ୟକ୍ତି ବିଶେଷ ଭାବରେ ଗ୍ରହଣ ନକରି ଏକ ମହାଭାବର ଆବାହକ ଭାବରେ ଗ୍ରହଣ କରିଛନ୍ତି । ତାଙ୍କ ଆହ୍ୱାନରେ ସୁପ୍ତ ଜାଗ୍ରତ ହୁଏ, ମୃତ ଜୀବନ୍ତ ରୂପ ନିଏ । କୋଟି କୋଟି ମାନବର ହୃଦୟରେ ତାଙ୍କର ସ୍ଥାନ । ମୁକ୍ତି ରୂପକ ଅମୃତ ଦାନ କରାଇ ସେ ସୁପ୍ତକୁ ଜାଗ୍ରତ କରିଛନ୍ତି, ମରଣଶୀଳ କୁ କରିଛନ୍ତି ମରଣଜୟୀ । କେବଳ ତାଙ୍କ ନାମହିଁ କୋଟି ମଣିଷର ହୃଦୟର ଜାଗରଣ ସୃଷ୍ଟି କରିବାକୁ ସକ୍ଷମ । 'ଗାନ୍ଧୀ' କବିତାରେ ତାଙ୍କର ଏହି ଭାବଧାରାର ଚମତ୍କାରିତା ପ୍ରକାଶ ଲକ୍ଷ କରା ଯାଇପାରେ । – ' ଗାନ୍ଧୀ ଯେ ଏକ ଭାବର ଆବହ ମୂ□ ହୋଇଛି ଅମର ରାଗେ- ଝଙ୍କାର ଯାର କୋଟି ମାନବର / ଅନ୍ତର ତାର ଆପେ ସେ ଜାଗେ- ମରଣକୁ କରେ ଜୀବନ ଦାନ/ ଜୀବନ ଯହିଁରୁ ଅଳି ଭରି/ କରଇ ମୁକ୍ତି ପୀୟୂଷ ପାନ' । ଭାରତର ସ୍ୱାଧୀନତା ପୂର୍ବରୁ ରାଜନୀତିର ସଜ୍ଞା ଯାହା ଥିଲା, ସ୍ୱାଧୀନତାର ପରବର୍ତ୍ତୀ କାଳରେ ତା'ର ସଜ୍ଞା ବଦଳି ଯିବାକୁ ଲାଗିଲା । ଗାନ୍ଧିଜୀ ଭାରତବାସୀଙ୍କୁ ପ୍ରତିଶୃତି ଦେଇଥିଲେ ଗୋରା ଲୋକଙ୍କ ହାତରୁ ଶାସନ କ୍ଷମତା ଫେରି ଆସିଲେ ଦେଶରେ ରାମ ରାଜ୍ୟ ପ୍ରତିଷ୍ଠା ହେବ, ଜାତି ଜାତି ମଧ୍ୟରେ ବହୁ ଦିନରୁ ରହି ଆସିଥିବା ଜାତି-ଭେଦର ପ୍ରାଚୀର ଉଠିଯିବ, ଖଟି ଖିଆ ଓ ମୂଲିଆ ସମସ୍ତେ ସମାନ ଲାଭ କରିବେ । ଅନେକ ଦିନର ସଂଗ୍ରାମ ପରେ ବହୁ ପ୍ରତୀକ୍ଷିତ ସ୍ୱାଧୀନତା ଫେରିଆସିଲା ଓ ଯାହାକୁ ମନେପକାଇ ଆମେ ସମସ୍ତେ ପ୍ରତିବର୍ଷ ଅଗଷ୍ଟ ୧୫ ତାରିଖରେ ଏହି ଜାତୀୟ ପର୍ବ ମହା ଆଡମ୍ବରରେ ପାଳନ କରୁଛୁ ମାତ୍ର ଗାନ୍ଧିଜିଙ୍କ 'ପ୍ରତିଶୃତି କେବଳ ପ୍ରତିଶୃତି'ରେ ରହି ଯାଇଛି ! ଯେଉଁମାନେ ସ୍ୱାଧୀନତା ପୂର୍ବରୁ ଗଳଦଘର୍ମ ହୋଇ ବଡ ବଡ ଭାଷଣ ମାଧ୍ୟମରେ ସୁବର୍ଣ୍ଣ ଯୁଗର ସୂଚନା ଦେଉଥିଲେ , ସେମାନେ ଗାଦି ମାଡି ବସିବା ପରେ ଅତିତର ସମସ୍ତ ପ୍ରତିଶୃତି ଭୁଲିଗଲେ । ଆଜି ଗୋରମାନଙ୍କ ବଦଳରେ କଳା ଭାରତୀୟ ମାନେ ସାଜିଛନ୍ତି ଶୋଷଣ ରାକ୍ଷସ, ଆମରି ଲୋକ ଯେଉଁମାନଙ୍କୁ ଆମେ ଆମର ନେତା ଭାବରେ ଚୟନ କଲୁ ସେମାନେ ଆମକୁ ଶୋଷଣ କରିବାରେ ଲାଗିଛନ୍ତି । ଚୟନକାରୀ ନେତାଙ୍କୁ ସାଧାରଣ ଜନତା ସାକ୍ଷାତ କରି ନିଜ ଗୁହାରି କହିବା କାଠିକର ପାଠ ହୋଇଯାଇଛି । ତାଙ୍କ ପାଖରେ ଥିବା ଆମ କଳା ଲୋକମାନେ ଆଦମ୍ ଖୋର ରାକ୍ଷସଠୁ ବଳି ଯାଇଛନ୍ତି । ନେତା ମାନଙ୍କର କେବଳ ଭୋଟସମୟରେ ନିଜ ଚାଟୁକାର , ଚେଲା ଚପଟାଙ୍କୁ ଧରି ହାତ ଯୋଡା ମୁଦ୍ରାରେ ଦର୍ଶନ ମିଳିଥାଏ । ଭୋଟପରେ ତାଙ୍କଠୁ ମିଳିଥାଏ କେବଳ ଧିକାର ନିର୍ଯ୍ୟାତନା ଇତ୍ୟାଦି । କାନ୍ତକବି ଏହାକୁ ଲକ୍ଷ କରି ତାଙ୍କ 'ଭୋଟ ଲଢେଇ' କବିତାରେ ଲେଖିଚନ୍ତି:-' ଗାନ୍ଧୀ କହିଥିଲେ ରାମ ରାଜ୍ୟ ହେବ ଫଳରେ ହୋଇଲା କିସ / ବାରଭୂତ ମିଳି ହାଣ୍ଡି ଖାଇଗଲେ ଏ ଆମ କରମ ଦୋଷଲୋ-- ଏବେ ଚେତିଲ ଭଲା, ଚାହୁଁ ଚାହୁଁ ତ ସବୁ ସରିଲାଲୋ । ସ୍ୱାଧୀନ ହୋଇଲା ଦେଶଟା ଆମର ପଳାଇଲେ ଗୋରା ଲୋକ / କଳା ଲୋକେ ଥୋକେ ଗାଦି ମାଡି ବସି, ଲାଖିଗଲେ ଯଥା ଜୋକଲୋ / ଆମ ଧାନ ଖାଇ ପେଟ କାଢିଲେ ଯେ ଗଣ୍ଡିକୁ କରିଲେ ମୋଟ / ଆଜି ଆସି ସିଏ ଦୁଆରେ ଦୁଆରେ ମାଗୁଛନ୍ତି ଦିଅ ଭୋଟ ଲୋ – ଇଏ ଥିଲେ ଟି କାହିଁ, ଦିନେ ମୁହଁ ଦେଖା ଥିଲା ନାହିଁ ଲୋ ' ଏହା ହେଉଛି ଆଜିର ସ୍ୱାଧୀନ ଭାରତର ରାଜନୀତି । ଏହାକୁ ମୋ ମତରେ ରାଜନୀତି ନକହି ଗରିବ ମାରଣ ନୀତି କହିବା ଶତଗୁଣ ରେ ଶ୍ରେୟସ୍କର । ଆମେ ସ୍ୱାଧୀନ ବୋଲି ଗର୍ବ କରୁ କିନ୍ତୁ ଯଦି ନିଜ ଅନ୍ତରକୁ ପ୍ରଶ୍ନ କରାଯାଏ ତେବେ ପ୍ରକୃତରେ କ'ଣ ଆମେ ସ୍ୱାଧୀନ ? କାରଣ ଆଜି ରାଜନୀତିରୁ ଆଦର୍ଶ, ନ୍ୟାୟ ଓ ନୀତି ବିଦାୟ ନେଇ ତା ସ୍ଥାନରେ ପ୍ରବେଶ କରିଛି ଶୋଷଣ , ଅନ୍ୟାୟ ଓ ଅତ୍ୟାଚାର ତଥାପି ଆମେ ସ୍ୱାଧୀନ ଭାରତର ସ*ାନ ଭାବେ ପାଳନ କରୁଛେ ୭୮ ତମ ସ୍ୱାଧୀନତା ଦିବସ । ସ୍ୱାଧୀନତା ଜାତିର ଅମୂଲ୍ୟ ସମ୍ପଦ । ବହୁ କଷ୍ଟରେ ଅର୍ଜିତ ଏହି ସମ୍ପଦର ସୁରକ୍ଷା ନିମିତ ଆମେ ସମସ୍ତ ଦେଶ ତଥା ରାଜ୍ୟ ବାସୀ ଆଗୁସର ହେବା ଦରକାର ।

*ସ୍ତମ୍ଭକାର,*
*ଖୋର୍ଦ୍ଧା (୬୩୭୦୬ ୭୫୫୬୨)*

# ଶ୍ରୀ ଗୁରୁ କଳ୍ପତରୁ ଶରଣ


ଶ୍ରୀହରିଗୁରୁ ଆଶ୍ରିତ ଅତୀଶ

ଆମ ଓଡ଼ିଆ ମାନଙ୍କ ପ୍ରାଣ ମହାପ୍ରଭୁ ଶ୍ରୀଜଗନ୍ନାଥ ଭକ୍ତର କାମନା ପୂର୍ଣ୍ଣ କରନ୍ତି ବୋଲି ସେ ବାଞ୍ଛାକଳ୍ପତରୁ ବୋଲି ତାଙ୍କୁ କୁହାଯାଏ । ଶ୍ରୀକ୍ଷେତ୍ର ଧାମରେ ମଧ୍ୟ ଶ୍ରୀ ମନ୍ଦିର ପରିସରରେ ରହିଛନ୍ତି କଳ୍ପତରୁ ସେ ମଧ୍ୟ ବାଞ୍ଛା ପୂର୍ଣ୍ଣ କରନ୍ତି । ହେଲେ ଆଜିର ବିଷୟ ଏ କଳ୍ପତରୁ କୌଣସି ବୃକ୍ଷ ନୁହନ୍ତି – ଏ ହେଉଛନ୍ତି ଗୁରୁ କଳ୍ପତରୁ । ଗୁରୁ ସର୍ବଦେବମୟ ହେଇଥିବାରୁ ଗୁରୁ ମଧ୍ୟ ନିଜେ କଳ୍ପତରୁ । ଶ୍ରୀ ନାଭା ଗୋସ୍ୱାମୀଙ୍କ ଭାଷାରେ 'ଭକ୍ତି ଭକ୍ତି ଭଗବନ୍ତ ଗୁରୁ ଚତୁର ନାମ ବାପୁ ଏକ ଇନିକେ ପଦରଜ ବନ୍ଦନ କିଯେ ନାଶତ ବିଘ୍ନ ଅନେକ । ଶ୍ରୀ ଭକ୍ତମାଳ ସିଦ୍ଧାନ୍ତ ଅନୁସାରେ ଭକ୍ତ ଓ ଭଗବାନଙ୍କ ଠାରେ କୌଣସି ଅନ୍ତର ନାହିଁ । ଜୀବନ ସାରା ଭଗବାନଙ୍କୁ ନିରନ୍ତର ହୃଦୟରେ ଧାରଣା, ଗୁରୁନିଷ୍ଠା, ଅହରହ ନାମ ଶ୍ରବଣ, ସାଧୁବୈଷ୍ଣବ ସଙ୍ଗ ଓ ନିଜେ ଭାଗବତମୟ ଜୀବନ ଧାରଣରେ ସେ ନିଜେ ପାଲଟି ଯାଇଥିଲେ କଳ୍ପତରୁ ସେ ହେଉଛନ୍ତି ବୈଷ୍ଣବ କୁଳତିଳକ ନାମଚାର୍ଯ୍ୟ ଶ୍ରୀ ବାୟା ବାବା । ସେଥିପାଇଁତ ସେ କିଛି ଲେଖିବା ପୂର୍ବରୁ ଲେଖୁଥିଲେ 'ଓଁ ଶ୍ରୀଗୁରୁକଳ୍ପତରୁ ଶଚୀନନ୍ଦନ ଶରଣ ମମ' । ଏହା ସିଦ୍ଧ ମନ୍ତ୍ର ରୂପେ ତାଙ୍କର ଭକ୍ତ ସମାଜରେ ପରିଚିତ ଓ ସେଥିପାଇଁ ତାଙ୍କ ଆଶ୍ରମ ନାମ କଳ୍ପତରୁ ଆଶ୍ରମ ଓ ସେବା ସଂଘ ନାମ କଳ୍ପତରୁ ସେବାସଂଘ । ଶ୍ରୀବାୟାଙ୍କ ଆଶ୍ରମରେ ଭକ୍ତଜନ କଳ୍ପନା ଅନୁସାରେ ଫଳଦେବାକୁ ପ*କଳ୍ପତରୁ ଏକ ସାଙ୍ଗରେ ବିରାଜମାନ । ଏହି ପା* କଳ୍ପତରୁ ହେଲେ ଭଗବାନ କଳ୍ପତରୁ, ଶ୍ରୀନାମ କଳ୍ପତରୁ, ନିଗମକଳ୍ପତରୁ, ଭାଗବତଶାସ୍ତ୍ର, ଭକ୍ତକଳ୍ପତରୁ, ଶ୍ରୀଗୁରୁ କଳ୍ପତରୁ ।

ଭଗବାନ କଳ୍ପତରୁ : ଶ୍ରୀ କଳ୍ପତରୁ ଆଶ୍ରମରେ ଶ୍ରୀନୃସିଂହ, ରାଧାକୃଷ୍ଣ, ନିତାଇ ଗୌରାଙ୍ଗ, ଶ୍ରୀଚତୁର୍ଦ୍ଧାମୂର୍ତି, ଶିବ ମା' ଅନ୍ନପୂର୍ଣ୍ଣା ଓ ମହାବଳୀ ହନୁମାନଙ୍କ ଶ୍ରୀବିଗ୍ରହ ମାନଙ୍କୁ ଯଥା ବିଧିରେ ପ୍ରାଣ ପ୍ରତିଷ୍ଠା କରି ପୂଜା କରାଯାଉଛି । ଆଉ କେତେକ ଦେବା ଦେବୀଙ୍କ ଶ୍ରୀବିଗ୍ରହ ବାୟାଙ୍କ ପାଖକୁ ଆସିଛନ୍ତି ମନକୁ ମନ ତାଙ୍କ ସେବା ପୂଜା ନେବା ପାଇଁ ଯଥା ବାବା ଖଣ୍ଡିଆ ମଠରେ ଥିବା ସମୟରେ ମାଳ ଜମିଦାରଙ୍କ ଘରେ ପୂଜା ପାଉଥିବା ଶ୍ରୀ ରାହାସ ବିହାରୀ ସ୍ୱପ୍ନରେ ନୃସିଂହ ରୂପ ଧାରଣ କରି ଜମିଦାରଙ୍କୁ କହିଲେ ମତେ ଯଦି କାଲି ସକାଳୁ ସେ ବାବାଜୀକୁ ନଦେବୁ ତାହେଲେ ତୋର ଛାତି ଚିରିଦେବି । ଏହି ଲୀଳା ବାବାଙ୍କ ଜୀବନି ବହି ପଢ଼ିଲେ ଜାଣିବେ । ତେଣୁ ଆଶ୍ରମର ଭଗବାନ କଳ୍ପତରୁ ନିତ୍ୟ ।

ନାମ କଳ୍ପତରୁ : ୧୯୫୩ ମସିହାରେ ବାବା ବୃନ୍ଦାବନରେ ଅବସ୍ଥାନ କରୁଥିବାବେଳେ ତାଙ୍କ ଶ୍ରୀଗୁରୁଦେବ ପରମବୈଷ୍ଣବଚର୍ଯ୍ୟ ଶ୍ରୀଲ ରାମଦାସ ବାବାଜୀ ମହାଶୟଙ୍କ ସ୍ୱପ୍ନାଦେଶ ପାଇ ପ୍ରଥମେ ଶ୍ରୀଧାମ ବୃନ୍ଦାବନରେ ଅଖଣ୍ଡ ନାମ ପ୍ରତିଷ୍ଠା କରାଗଲା ଯାହା ଆଜି ପର୍ଯ୍ୟନ୍ତ ଚାଲିଛି ଜଗତ ମଙ୍ଗଳପାଇଁ । ତାପରେ କଟକ, କେନ୍ଦ୍ରାପଡ଼ା, ପୁରୀ ଓ ଭୁବନେଶ୍ୱର ଆଶ୍ରମରେ ଅଖଣ୍ଡ ନାମ ପ୍ରତିଷ୍ଠିତ ଆଜି ପର୍ଯ୍ୟନ୍ତ । ଶ୍ରୀ ନାମ ପ୍ରତିଷ୍ଠା କାୟମନୋବାକ୍ୟରେ ବାବାଙ୍କ ଶ୍ରୀଗୁରୁଙ୍କ ଆଦେଶ ଥିଲା ତାହା ତାଙ୍କ ଜୀବ ଜୀବନ ଥିଲା ଠାକୁର ହରିଦାସଙ୍କ ୩ଲକ୍ଷ ନାମ ଜପ କରି ତାଙ୍କ ଜୀବନ ଶ୍ୱାସ ଓ ପ୍ରଶ୍ୱାସରେ ଥିଲା ନାମନୁଶୀଳନ । ସର୍ବଦା ନାମ ଭିତରେ ରହଣି କୁଆଡ଼େ ଗଲେ ସାଙ୍ଗରେ ଅଖଣ୍ଡ ନାମ ସହିତ ଯାତ୍ରା ଏହିପରିକି ମଧ୍ୟ ରାତ୍ରରେ ସେବକ ମାନଙ୍କ ଆଳସ୍ୟ ଯୋଗୁ ନାମ ଧ୍ୱନି କମିଆସିଲେ ସଂଗେ ସଂଗେ ତାଙ୍କର ନିଦ୍ରାଭଙ୍ଗ ହୁଏ ଆଉ ନାମ ଧ୍ୱନି ଯେତେ ଉଦଣ୍ଡ ହୁଏ ତାଙ୍କର ସୁଖ ନିଦ୍ରା ହୁଏ । ସେ ନାମ ସେବକ ମାନଙ୍କୁ ଲକ୍ଷ କରି କୁହନ୍ତି ଯେ ନାମ କରିବ ସେ 'ବାୟା'ର ବାପାର ବାପା । ନାମଚାର୍ଯ୍ୟ ବିଶ୍ୱବିଦ୍ୟାଳୟର ଡିଗ୍ରୀ ପରି ଏକ ପଦବୀ ନୁହେଁ – ଏହା ଏକ କାୟମନୋବାକ୍ୟରେ ଆଚରଣ ସିଦ୍ଧ ଅନୁଭବର ସିଦ୍ଧ । ଅନ୍ୟ ଏକ ଦିଗରୁ ବିଚାର କଲେ ଯେ ସାଧନା କରେ ସେ ସାଧକ । ସାଧନାରେ ସିଦ୍ଧି ଲାଭ କଲେ ହୁଏ ସିଦ୍ଧ । ଆଉ ନିଜେ ସାଧନାରେ ସିଦ୍ଧି ଲାଭ କଲାପରେ ଅନ୍ୟ ମାନଙ୍କୁ ସେହି ସାଧନାରେ ପ୍ରଭୂତ କରାଇଲେ ତାଙ୍କୁ ଗୁରୁ କୁହାଯାଏ । ମାତ୍ର ନାମ ସାଧନାରେ ସିଦ୍ଧିଲାଭ କରି ମଧ୍ୟ ନିତ୍ୟନିରନ୍ତର ସେଥିରେ ନିରତ ରହିବ ଅନ୍ୟକୁ ସେଥିରେ ପ୍ରଭୂତ କରିବା । ଏହି ସବୁ ବାୟାଙ୍କ ଜୀବନରେ ଘଟିଥିଲା । ତେଣୁ ନାମ ଭିତରେ ସବୁବେଳେ ରହି ସେ ପାଲଟି ଗଲେ ନାମକଳ୍ପତରୁ ।

ନିଗମକଳ୍ପତରୁ : ବେଦର ଅପର ନାମ ନିଗମକଳ୍ପତରୁ । ଆଉ ଶ୍ରୀମଦ ଭାଗବତ ଗ୍ରନ୍ଥ ହେଉଛି ନିଗମକଳ୍ପତରୁର ରସାମୃତ ଫଳ । ବେଦାଧ୍ୟୟନ ସଭିଙ୍କ ପାଇଁ ସହଜ ନୁହେଁ ସେଥିପାଇଁ ଭାଗବତ ହେଉଛନ୍ତି କଳ୍ପତରୁ ରୂପ ପ୍ରସିଦ୍ଧ । ବାୟାଙ୍କ ଜୀବନରେ ଭାଗବତ ଗ୍ରନ୍ଥ ଓତପ୍ରୋତ ଭାବରେ ଜଡ଼ିତ । ତାଙ୍କ ୨୪ ବର୍ଷ ମୌନବ୍ରତ କାଳରେ ତାଙ୍କୁ କି କୌଣସି ପ୍ରଶ୍ନ କରୁଥିଲେ ସାଙ୍ଗରେ ରହୁଥିଲା ଏକାଦଶସ୍କନ୍ଦର କୌଣସି ଏକ ପୃଷ୍ଠାକୁ ଖୋଲି ପଢ଼ିବାକୁ କହନ୍ତି ଯାହାଦ୍ୱାରା ସେ ପଚାରିଥିବା ପ୍ରଶ୍ନର ଉତର ମିଳିଥାଏ । ୧୯୫୨ ମସିହାରେ ଥରେ ବୃନ୍ଦାବନରେ ରକ୍ତଆମାଶୟ ରୋଗ ଯୋଗୁ ବାବା ବହୁତ କଷ୍ଟ ପାଇଲେ ଯାହାଘରେ ରହୁଥିଲେ ଶ୍ରୀ ରାମଜିଚୋବେ ଜିଦ ଧରିଲେ ବାୟା ଯଦି ଔଷଧ ନଖାଇବେ ମୁଁ ଦୌଡ଼ି ଲଗାଇ ମାରିବି । ବାବା ତାଙ୍କ ଏହି ହଟ ଯୋଗୁ ତାଙ୍କୁ ସୁଦ୍ଧ ଭାବରେ ସଂସ୍କୃତ ଭାଗବତ ପଢ଼ି ବାୟାକୁ ଶୁଣାଇଲେ ଦେହ ଭଲ ହୋଇଯିବ । ସେହି ଅନୁସାରେ ଭାଗବତ ସପ୍ତାହ ଅନୁଷ୍ଠିତ ହେଲା ଯାହାଦ୍ୱାରା ବାବା ସମ୍ପୂର୍ଣ୍ଣ ଭଲ ହୋଇଗଲେ । କହିବାକୁଗଲେ ଭାଗବତ ପ୍ରତି ନିବିଡ଼ ଯୋଗୁ ନିଜେ ଭାଗବତମୟ ହୋଇ ଯାଇଥିଲେ ।

ଭକ୍ତ କଳ୍ପତରୁ : ଭଗବାନ ଯେପରି ଭକ୍ତର ସକାଳ ମନୋବାଞ୍ଛା ପୂର୍ଣ୍ଣ କରନ୍ତି ସେହିପରି ଭଗବାନଙ୍କୁ ହୃଦୟରେ ଧାରଣ କରିଥିବା ଭକ୍ତମାନେ ଅନ୍ୟର ଅଭିଳାଷ ପୂର୍ଣ୍ଣ କରିଥାନ୍ତି । ତାଙ୍କୁ ଯିଏ ଯେତେ ଅସୁବିଧା ସୁବିଧାରେ ଡାକିଛି ଯେତେ ଦୂରରୁ ସେ ପାଖରେ ପହ*ଛନ୍ତି ସମୁ ସମୟରେ ଆଜି ମଧ୍ୟ । ତାଛାଡ଼ ସେ ବୈଷ୍ଣବ ବା ଭକ୍ତ ଶେଖର ହୋଇଥିବାରୁ ଅନେକ ଶରୀରୀ ବା ଆଶରୀରୀ ଉଚ୍ଚକୋଟିର ଭକ୍ତ ମହାତ୍ମା ମାନଙ୍କ ନିୟମିତ ଓ ଶୁଭାଗମାନ ହେଉଥିଲା । ଏହି ସଭିଙ୍କୁ ଭଗବାନଙ୍କ ପ୍ରିୟଜନ ଭାବି ସେମାନଙ୍କ ସମାଦର କରୁଥିଲେ । ସଂକ୍ଷପାରେ କହିଲେ ଯେ ଭକ୍ତ-ଭକ୍ତିମୟ ଓ ତାଙ୍କ ପାଇଁ ବିଶ୍ୱ ମଧ୍ୟ ଭକ୍ତ – ଭକ୍ତିମୟ । ତେଣୁ ସେ ନିଜେ ହେଉଛନ୍ତି କଳ୍ପତରୁ ।

ଗୁରୁ କଳ୍ପତରୁ : 'ମୁଁ ହିଁ ବସଇ ଗୁରୁଦେହେ, ମୋ ତହିଁ ଗୁରୁ ଭିନ୍ନ ନୁହେଁ ।' ଭକ୍ତି ଗ୍ରନ୍ଥରେ ଗୁରୁଙ୍କୁ ଭଗବାନଙ୍କ ସହିତ ତୁଳନା କରାଯାଇଛି । ଭଗବାନ ସମଷ୍ଟି ଜୀବର କଲ୍ୟାଣ ନିମନ୍ତେ ଶ୍ରୀ ରାମ ଶ୍ରୀକୃଷ୍ଣ ଅବତାର ରୂପରେ ଆସିଥାନ୍ତି ଓ ବ୍ୟଷ୍ଟି ଜୀବନର ଉଦ୍ଧାର ପାଇଁ ଅନନ୍ତ ଶକ୍ତିର ଆଧାର ଶ୍ରୀଭଗବାନ କରୁଣାଶକ୍ତି ହିଁ ମର୍ତିମାନ ହୋଇ ଗୁରୁ ରୂପରେ ଆସିଥାନ୍ତି ଧରାପୃଷ୍ଠକୁ । ନାମଚାର୍ଯ୍ୟ ଶ୍ରୀ ବାୟାବାବାଙ୍କ ସମଗ୍ର ଲୀଳାରେ ପ୍ରକଟଲୀଳା ଓ ଅପ୍ରକଟ ଲୀଳାରେ କରୁଣା ଭରି ରହିଛି । ଅନେକ ଲୀଳା ରହିଛି ତାଙ୍କ ଜୀବନୀ ପାଠକଲେ ଜଣାପଡ଼ିବ । ଠାକୁର ହରିଦାସଙ୍କ ପରି ସେ ମଧ୍ୟ ନାମସିଦ୍ଧ ଥିଲେ ସାରା ଜୀବନ ନାମ ଓ ଜଗନ୍ନାଥଙ୍କୁ ନିଜର ପ୍ରାଣପ୍ରିୟ କରିଥିଲେ ଦେହତ୍ୟାଗ ପୂର୍ବରୁ କଟକ କଳ୍ପତରୁ ଆଶ୍ରମରେ ଶ୍ରୀ ସିଦ୍ଧ ବଳଦେବଙ୍କ ପରି ଚତୁର୍ଦ୍ଧାମୂର୍ତି ନିର୍ମାଣ କରି ତାଙ୍କୁ ମନ୍ଦିରରେ ସ୍ଥାପନ କରି ସେବା ପୂଜାର ବ୍ୟବସ୍ଥା କରିଥିଲେ । ସେ ଯୋଗୁଁ ତାଙ୍କ ନିତ୍ୟ ସ୍ଥିତି ମଧ୍ୟ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରେ ।

ସିଦ୍ଧବକୁଳବନ ନିବାସୀ ନାମଚାର୍ଯ୍ୟ ହରିଦାସ ଠାକୁରଙ୍କ ପରି ତାଙ୍କର ଭାଦ୍ରବ ମାସ ଶୁକ୍ଳପକ୍ଷ ଅନନ୍ତଚତୁର୍ଦ୍ଦଶୀ ତିଥିରେ ବ୍ରହ୍ମମୁହୂର୍ତରେ ଇଷ୍ଟ ନାମ ଉଚ୍ଚାରଣ କରି ଦେହତ୍ୟାଗ କରିଥିଲେ । ଜୟ ବାୟା ଜୟ ବାୟା ।

ଦୂରଭାଷ : ୬୩୭୧୫୮୦୫୨୪

# ସାହିତ୍ୟ ଦର୍ପଣ



## ଜୀବନ ଜିଜ୍ଞାସା



ସୁଦର୍ଶନ ମହାପାତ୍ର

ବଡ଼ ବିଚିତ୍ର ଏ ଜୀବନ। କେତେ ଅନୁଭୂତି, କେତେ ଘଟଣା ! କେତେ ସ୍ୱପ୍ନ ପୁଣି କେତେ ହତାଶା। କେତେବେଳେ ସ୍ୱପ୍ନ ଭାଙ୍ଗିଯାଏ ତ , କେତେବେଳେ ସ୍ୱପ୍ନ ବାସ୍ତବତାର ଦୋଳିରେ ବସି ଗୁମୁରୁଥାଏ।ତାରି ଭିତରେ ଅପରାହ୍ନର ଛାଇ ଆବୋରି ବସେ ଜୀବନକୁ।ଆଉ ଗଛରୁ ପାଚିଲା ଫଳ ଚିପକି ପଡିଲା ଭଳି ଜୀବନ ବି କଞ୍ଚା ହେଉ କି ପାଚିଲା,କଢି ହେଉ କି ଫୁଲ ଗଳିପଡେ।

ସମସ୍ତେ ବୁଝାଇଲେ ଏ ସମୟରେ ମନଦୁଃଖ କରିବା ଯେମିତି ନିହାତି ଅଯୌକ୍ତିକ ! ବୋଉ ତା'ର ବହୁତ ଦେଖିଲା, ବହୁତ ପାଇଲା,ଆଉ ବହୁତ ଭୋଗିଲା ବି। ଚାଲିଗଲା ମାନେ କଷ୍ଟରୁ ମୁକ୍ତି।ତା ସହିତ ଅନ୍ୟମାନେ ମଧ୍ୟ ଘାଣ୍ଟି ହେଉଥିଲେ। ପ୍ରକାଶ ସବୁକଥା ଶୁଣୁଥିଲା, ବୁଝୁଥିଲା, ପୁଣି ପରକ୍ଷଣରେ ସବୁ ଭୁଲି ଯାଉଥିଲା ଆଉ ଅବୁଝା ହୋଇ ବୋଉର ଅବର୍ତ୍ତମାନର ସମୟକୁ ଗ୍ରହଣ କରିପାରୁନଥିଲା।

ବୋଉର କୋକେଇ ସଜ ହେଉଛି।ଆଉ ଟିକିଏ ପରେ ଶବ ବନ୍ଧାଯାଇ 'ରାମ ନାମ ସତ୍ୟ ହେ...ହରି ନାମ ସତ୍ୟ ହେ...' ସ୍ୱରରେ ମୁଖରିତ ହେବ ଶ୍ମଶାନ ପଥର ଯାତ୍ରା। ବୋଉ ବିଦାୟ ନେବ ଏ ଘରୁ ସବୁଦିନ ପାଇଁ। ଖାଲି ଯାହା ପଡି ରହିବ ଏ ଘରେ ବୋଉର ନିଃଶବ୍ଦ ପଦପାତ, ତା'ର ଘର କରଣା, ତା'ର ସବୁ ସ୍ୱପ୍ନ, ତା'ର ଆଶା ଅଭିଳାଷା...!!

ବୋଉ କୁ କ୍ୟାନ୍ସର ଭଳି ଏକ ରୋଗ ଆକ୍ରାନ୍ତ କରିବ ,ଆଉ ରୋଗ ବିଷୟରେ ଜାଣିଲା ବେଳକୁ ସେ ତା'ର କାୟା ମେଲାଇ ଅକ୍ଟୋପସ ଭଳି ମଣିଷଟାର ଆୟୁଷ କୁ ନିଜ ଆୟତ୍ତରେ ନେଇ ସାରିଥିବ କେବେ କଳ୍ପନା କରିନଥିଲା ପ୍ରକାଶ କିମ୍ବା ଆଉ କେହି । ମୁଣ୍ଡରେ ଚାରି ପାଞ୍ଚଟି ଟ୍ୟୁମର କ୍ୟାନ୍ସର ରୂପ ନେଇ ସାରିଥିଲା ଲକ୍ଷଣ ସବୁ ଠିକ ଭାବରେ ବୁଝିଲା ବେଳକୁ।

ଏଇ ତ କେତେ ମାସ ଆଗରୁ ବାପାଙ୍କୁ ଦିଲ୍ଲୀ ଏମ୍ସ କୁ ନେଇ ଯାଇଥିଲା ସେ।ବାପାଙ୍କ ମଳରେ ଆଉ ବାନ୍ତିରେ ରକ୍ତ ପଡିବାର କାରଣ ଯେ ପାକସ୍ଥଳୀର ଘା ଚିହ୍ନଟ ହେଲାପରେ ତାଙ୍କୁ ଦିଲ୍ଲୀ ଏମ୍ସ ରେ ଅପରେସନ କରାଇବାକୁ ପଡ଼ିଥିଲା।ପ୍ରାୟ ପଞ୍ଚସ୍ତରୀ ଭାଗ ପାକସ୍ଥଳୀ କଟାଯାଇଥିଲା ସେଇ ଅପରେସନରେ। ଭାଗ୍ୟ ବଶତଃ ବାପା ସୁସ୍ଥ ହୋଇ ଆସିଲା ବେଳକୁ ବୋଉର ଏ ଅବସ୍ଥା।

ସତରେ କେଡ଼ ? ଯନ୍ତ୍ରଣାମୟ ଏ ଜୀବନ ! ଜରାବସ୍ଥା,ଦୁସ୍ଥ, ରୋଗଗ୍ରସ୍ତ ମଣିଷଙ୍କୁ ଦେଖୁ ଦେଖୁ ଯେଉଁଦିନ ରାଜକୁମାର ସିଦ୍ଧାର୍ଥ ମୃତ୍ୟୁ ବିଷୟରେ ଜ୍ଞାତ ହେଲେ ସେତେବେଳେ ସ୍ତ୍ରୀ ଏବଂ ଶିଶୁପୁତ୍ର ଙ୍କୁ ଛାଡି ନିର୍ବାଣ ପଥଗାମୀ ହେଲେ। ସଂସାର ତ୍ୟାଗୀ ହେଲେ ଏବଂ କ୍ରମେ ବୁଦ୍ଧତ୍ୱ ପ୍ରାପ୍ତି ହୋଇ ଗୌତମ ବୁଦ୍ଧ ରୂପେ ପରିଚିତ ହେଲେ।

ବିଭିନ୍ନ କଥା ଭାବି ମନେ ମନେ ବ୍ୟତିବ୍ୟସ୍ତ ହୋଇପଡୁଥିଲା ପ୍ରକାଶ।

ଦେଖୁ ଦେଖୁ ବୋଉର କ୍ରିୟା କର୍ମ ସରିଯାଇଥିଲା।ବନ୍ଧୁ ବାନ୍ଧବ ଫେରି ଯାଇଥିଲେ।ଜଣକ ଅବର୍ତ୍ତମାନରେ ଏତେ ଖାଲି ଖାଲି ଲାଗେ ଘର, ଜୀବନ..!

ହଠାତ୍ ସୁଧୀର ମଉସାଙ୍କ ଦେହ ଖରାପ ଆଉ ତାଙ୍କୁ ଖୋଜୁଥିଲେ ବୋଲି ବାପାଙ୍କ ଠାରୁ ଶୁଣି ପ୍ରକାଶ ଯାଇ ପହଞ୍ଚିଲା ତାଙ୍କ ଘରେ।ଛାତକୁ ବିକଳ ଦୃଷ୍ଟିରେ ଯେମିତି ଚାହିଁ ରହିଥିଲେ ମଉସା। ଏଇ ବିରାଟ ଶୂନ୍ୟତା ଯେମିତି ତାଙ୍କୁ ଘେରି ରହିଥିଲା ।ସହର ଉପକଣ୍ଠରେ ତୋଳିଥିବା ସୁଦୃଶ୍ୟ ଘର, ତା'ର ଭବ୍ୟ ପରିପାଟୀ, ସୁନ୍ଦର ବଗିଚା ଇତ୍ୟାଦି ସେଇ ଶୂନ୍ୟତା ଭିତରେ ସତେ ଉବୁଟୁବୁ ହେଉଥିଲେ । ମଉସାଙ୍କ ଯତ୍ନ ନେବାପାଇଁ ଗୋଟିଏ ଅଭାବୀ ଦମ୍ପତି ଆଉଟ୍ ହାଉସରେ ରହୁଥିଲେ। ସେଇ ଦମ୍ପତି ଥିଲେ ମଉସାଙ୍କ ଶେଷ ଜୀବନର ସାହାରା। ଏସବୁ ଜ୍ଞାତ ହେଲାପରେ ମଉସାଙ୍କୁ ଆଉ ତାଙ୍କ ପୁଅ ବିଷୟରେ ନପଚାରିବା ଉଚିତ୍ ମନେକଲା ପ୍ରକାଶ।

ପିଲାଦିନର ବନ୍ଧୁ ହିସାବରେ କାଳେ କଥା ରଖି ଘରକୁ ପୁଅ ଫେରିବ, ସେଇ ଆଶାରେ ତାଙ୍କୁ ଡ଼କାଇଥିଲେ ବୋଲି କହିବା ଭିତରେ ସୁଧୀର ମଉସାଙ୍କ ଆଖିରେ ଲୁହ ଟଳମଳ କରୁଥିବାର ଦେଖିଲା ପ୍ରକାଶ।

ହେଲେ ଚେଷ୍ଟା କରିବି ଅସଫଳ ହେଲା ପ୍ରକାଶ ଏବଂ ପୁଅ ଏବେ ଫେରି ପାରିବନି ଶୁଣି ମଉସା ଆହୁରି ଦୁଃଖରେ ମ୍ରିୟମାଣ ହୋଇପଡିଲେ ବୋଲି ଅନୁଭବ କଲା ସେ। ସେଇଠୁ ଫେରିଲା ପରେ ପ୍ରକାଶ ର ମନ ଭାଙ୍ଗି ଯାଇଥିଲା। କାହିଁକି ମଣିଷ ସଂସାର କରେ! କେତେ ଦିନର ଏ ଜୀବନ ! ପୁଅ ଝିଅ, ଘରଦ୍ୱାର, ଟଙ୍କା ପଇସା ସବୁ ଥାଇ ବି କିଛି ନଥିଲା ଭଳି। ଶାନ୍ତି କାହିଁ?

ବୋଉ ଯିବାର ବର୍ଷଟିଏ ପୁରିଲା ବେଳକୁ ପୁଣି ସେଇ ପୁରୁଣା କଥା ଉଠିଲା। ସେଇ ବାହାଘର କଥା। ପ୍ରକାଶ ବାହାହେବ ନାହିଁ ବୋଲି ନିଜର ନିଷ୍ପତ୍ତି ଶୁଣାଇ ଦେଲା ପୁଣି ଥରେ। ବାପା, ଭଉଣୀ,ମାମୁ ମାଇଁ ସମସ୍ତେ ବୁଝାଇବା ପରେ ବି ନିଜ ଜିଦରେ ଅଟକ ରହିଲା ପ୍ରକାଶ।

ଶେଷରେ ବାପାଙ୍କର ଘନିଷ୍ଠ ବନ୍ଧୁ ଚକ୍ରଧର ମଉସା ଶେଷ ଅସ୍ତ୍ର ପ୍ରୟୋଗ କଲେ ବାର୍ଦ୍ଧକ୍ୟର କଥା କହି।ଦେହ ପା, ନିଃସଙ୍ଗତା ସହିତ ମାନସିକ ଚାପ ଇତ୍ୟାଦିରେ ବାର୍ଦ୍ଧକ୍ୟ କାଳ ଖୁବ୍ କଷ୍ଟରେ କଟେ ବୋଲି ବୁଝାଇବାକୁ ଚେଷ୍ଟା କଲେ।

ସେଇଠୁ ପ୍ରକାଶ ନିଜକୁ ପ୍ରତିପାଦିତ କଲା ଚାକ୍ଷୁଷ ଘଟଣା ମାଧ୍ୟମରେ।

-' ପିଲାମାନେ ଯଦି ବୃଦ୍ଧ କାଳରେ ନିଃସଙ୍ଗତାକୁ ପୋଛି ଦେବାପାଇଁ ଅଭିପ୍ରେତ ତାହେଲେ ସୁଧୀର ମଉସା ଆଜି ନିଃସଙ୍ଗ କାହିଁକି ? କାହିଁକି ତାଙ୍କର ପୁଅ ଆଜି ତାଙ୍କ ପାଖରେ ନାହିଁ ? ନିଜ ସଂସାରକୁ ନେଇ ଅସ୍ତବ୍ୟସ୍ତ ବୋଲି ନିର୍ଲଜଙ୍କ ଭଳି ସଫେଇ ଦେଉଛି କେମିତି ?'

-'ଯଦି ପିଲାମାନେ ବାପା ମାଆ ଙ୍କ ସେବା ଶୁଶ୍ରୁଷା କରିବାକୁ ପ୍ରାଧାନ୍ୟ ଦେବେ ବୋଲି ଭାବୁଛନ୍ତି ତେବେ କାହିଁକି ମାନି ଅପା ବୋଉର ଦୀର୍ଘ ଦିନର ଅସୁସ୍ଥତା ଭିତରେ ଆସି କିଛି ଦିନ ପାଇଁ ବି ଆସି ସେବା କରିପାରିଲା ନାହିଁ? କାହିଁକି ତା ପରିବାରରେ ତା ପାଇଁ ଟଣାଯାଇଥିବା ତିନି ଗାର ଟପି ପାରିଲା ନାହିଁ। ବୋଉ ଯିବା ପରେ କେବଳ ରୀତିନୀତି ମାନିବାକୁ ଆସି ପହଞ୍ଚିଲା। ଗୋଟିଏ ଦିନ ବି ଅଧିକା ରହି ଗଲାନି ବାପାଙ୍କ ଭଲମନ୍ଦ ପଚାରି ବୁଝିବାକୁ।'

ଶେଷରେ ଚକ୍ରଧର ମଉସାଙ୍କୁ ପ୍ରକାଶ କହିଲା -' ତୁମଠାରୁ ଦୂରରେ ରହୁଛି ନା ସ୍ୱାଗତ। ବର୍ଷଟିଏ ଭିତରେ କେବେ ତୁମ ପାଖରେ ସମୟ ବିତାଇଛି କି ? ଦେଖୁଛି କି ଆସି ବାପା କେମିତି ବଞ୍ଚିଛନ୍ତି। ନିଃସଙ୍ଗତା କେମିତି ଆବୋରି ବସିଛି ତାଙ୍କୁ। ଖାଲି ସେଇଥିପାଇଁ ତୁମେ ପ୍ରତିଦିନ ଯାଇ ସେଇ ବଳିଆ ଚା' ଦୋକାନ ପାଖରେ ବସୁଛ।ଏଇଥିପାଇଁ ନା କାଳେ କିଏ ଚିହ୍ନା ପରିଚିତି ଦେଖା ହୋଇଯିବେ ଟିକିଏ ସମୟ ବାଣ୍ଟିବା ପାଇଁ!

ସେଇଥିପାଇଁ ତ ବୃଦ୍ଧାଶ୍ରମର ସଂଖ୍ୟା ଦିନକୁ ଦିନ ବଢୁଛି। ଖବର କାଗଜ ପୃଷ୍ଠା ଓଲଟାଇଲେ ଆଖିରେ ପଡୁଛି ପରିବାର ଭିତରେ ବାପା ମାଆଙ୍କ ପ୍ରତି ଅତ୍ୟାଚାରର କଥା।'

ପ୍ରକାଶ ର କଥା ସରିଲା ବେଳକୁ ଚକ୍ରଧର ମଉସାଙ୍କ ଆଖି ଲୁହେଇ ଯାଇଥିଲା। ଯେମିତି ଜବରଦସ୍ତ ଅଟକେଇ ରଖିବାକୁ ଚେଷ୍ଟା କରୁଥିଲେ।

ପ୍ରକାଶର ଅକାଟ୍ୟ ଯୁକ୍ତି ପାଖରେ ହାର ମାନିଗଲେ ସମସ୍ତେ। ତଥାପି ବାପା ଆଉଥରେ ବୁଝାଇଲେ।

-' ସାରା ଦୁନିଆ ମୋତେ ପଚାରିବେ ପୁଅର ବାହାଘର କଥା। ଏଇଟା ସଂସାରର ଧର୍ମ। ପିଢ଼ି ପରେ ପିଢ଼ି ଏମିତି ଆଗେଇ ଚାଲିଛି ବଂଶବୃକ୍ଷ। ପ୍ରତି ଉତ୍ସବ ଅବସରରେ ତୋତେ ଆଉ ମୋତେ ପଚାରି ବ୍ୟତିବ୍ୟସ୍ତ କରିପକାଇବେ ଏଇ କଥା ପଚାରି। କେମିତି ଚଳିବା ଏ ଦୁନିଆରେ? ମୁଁ ଗଲାପରେ ତୁ ଏକୁଟିଆ ହୋଇଯିବୁ । ନିଃସଙ୍ଗ ଜୀବନ ଜୀଇଁବା ଭାରି କଷ୍ଟକର।'

-' ବାପା,ଭିଡ ଭିତରେ ବି ନିଃସଙ୍ଗତା ଆବୋରି ବସେ ବେଳେ ବେଳେ। ଗୋଟିଏ ଘରେ ରହି ବି ନିସଙ୍ଗତା ଘାରେ ଉତ୍ତର ଜୀବନରେ, ସେଇ ବୃଦ୍ଧାବସ୍ଥାରେ..! ବିବାହ କରିବି କ'ଣ ନିଃସଙ୍ଗତା ନାହିଁ?ଦୁନିଆରେ ବହୁତ ଲୋକ ବହୁତ କିଛି କହି ଜାଣନ୍ତି। ହେଲେ ଠିକ୍ ଦରକାର ବେଳକୁ ଦୂରେଇ ଯାଆନ୍ତି। ଏସବୁ କଥା ତୁମେ ଭଲ ଭାବରେ ଜାଣିଛ।'

ସାମୟିକ ଭାବରେ ଉପୁଜିଥିବା କିଛି ସଂଶୟ, କିଛି ଦୁଃଖ, କିଛି ଅବସାଦର ଅବସାନ ପାଇଁ ବାପାଙ୍କୁ ନେଇ ହରିଦ୍ୱାର, ବାରଣାସୀ,ଋଷିକେଶ ଆଦି ପବିତ୍ର ସ୍ଥାନର ପରିଭ୍ରମଣରେ ବାହାରିଲା ପ୍ରକାଶ।

ଯାତ୍ରା ସମୟ ଭିତରେ ଥରେ ବାପା ପୁଣି କହିଲେ - ' ସବୁ ପୁଅ ଖରାପ ନୁହଁନ୍ତି ଦୁନିଆରେ। ତୁ ତ ପୁଣି ତୋ ମାଆର ସେବା ଯତ୍ନ କରୁଥିଲୁ। ମୋତେ ଏବେ ସମୟ ଦେବାକୁ ଚେଷ୍ଟା କରୁଛୁ। ମୋ ମନର ଶାନ୍ତି ପାଇଁ ଏ ପରିଭ୍ରମଣରେ ନେଉଛୁ। ତେବେ ତୋ ପାଇଁ ବି କେହି ସମୟ ଦେବାକୁ କୁଣ୍ଠାବୋଧ କରିବେ ନାହିଁ ବୋଲି ମୋ ମନ କହୁଛି। ବାହା ନହେବୁ ନାହିଁ। ମୋ ପାଇଁ ଅନାଥାଶ୍ରମରୁ ନାତି ଟିଏ ବାଛି ଆଣିବୁ ଯଦି ସେତିକିରେ ମୁଁ ଖୁସିରେ ରହିବି। କ'ଣ କହୁଚୁ..?'

ପ୍ରକାଶ ମୁହଁରେ ହସର ତଡିତ ଦେଖି ପୁଅର ଏ ପ୍ରସଙ୍ଗରେ ସମ୍ମତି ଅଛି ବୋଲି ଭାବି ବାପା ଖୁସିରେ ଉଛୁଳି ପଡିଲେ...!!!

*କୁଞ୍ଜବିହାରୀ ଲେନ, କଟକ*

## ଅବଶୋଷ

*ରତ୍ନକାନ୍ତି ମିଶ୍ର*



ଅଭାବର ଟାଇଁ ଟାଇଁ ଖରାରେ
ଅବଶ ହେଉନି କି
କଅଁଳ ଇଛାର ଡେଣା
ମନ ଅଳିନ୍ଦରେ ଉଙ୍କି ମାରୁଥିବା
ସ୍ୱପ୍ନ ମାନେ ବି
ମୁହୂର୍ତ୍ତକରେ ବାଟବଣା !!
ଛାଇରେ ଉଧେଇଥିବା ମଣିଷ ସିନା
ପାଲଟି ଯାଆନ୍ତି ମହାଦ୍ରୁମ
ଭୋକର ଜ୍ୱାଳାରେ ନିର୍ବାପିତ
ହେଇଯାଉନି କି
ଆଶାର କୁଟିକମ !!
ପାହାଡ଼ର ସୌନ୍ଦର୍ଯ୍ୟରେ
ବିମୋହିତ ସିନା ଜନଜାତି
ହେଲେ ପ୍ରାଚୁର୍ଯ୍ୟ ନିଶାରେ
ଲୋଭିଲା ଉଦ୍‌ଯୋଗପତି
ତୁଟିଯାଏ ପାହାଡର ଶିରୀ
ପୀଡା ଅସରନ୍ତି !!
କାରଖାନା ମାଲିକଙ୍କ
ହାତ ମୁଠାରେ
ଉଚ୍ଛୁଳା ନଈର ଆବେଗ
କୂଟ କପଟର ବର୍ଜ୍ୟବସ୍ତୁରେ
ବେହାଲ ତା'ର ପାରିଲା ପଣ
ଚାଷ ହେଉ ବିପର୍ଯ୍ୟସ୍ତ
ଶୋଷ ହେଉ ଅଭିଷିକ୍ତ
ଅବସୋସ ହେଉ ପଛେ
ମୃତ୍ୟୁର କାରଣ !!
ନେତାଙ୍କ ବୟାନବାଜି ବ୍ୟାପକ
କଉ ଲାଗୁଛି
ସ୍ୱେଦ ଅବା ଲହୁ ବୁହା ମୂଳଧନ
ଅବା ଅଛି,
ଟିକସ କଷାକଷିର ଝିନଝଟ... !!

*ଆଳି, କେନ୍ଦ୍ରାପଡା*

## ମିତ୍ରତାର ବାହୁ

*ପୂର୍ଣ୍ଣଚନ୍ଦ୍ର ବହଳୀ*



ଚାଲୁ ଚାଲୁ ଭାବୁଛି
ପ୍ରଭୁ ସବୁ କିଛି ଖରାପକୁ
ଦୂର କରିଦିଅନ୍ତେ
ଗୋଟିଏ ସୁନ୍ଦର ଆଖି ଦେଇଦିଅନ୍ତେ
ଯେଉଁ ଆଖିରେ କେବଳ
ପ୍ରେମ ବରଷୁଥିବ
ସମସ୍ତଙ୍କୁ ଆପଣାର କଲାଭଳି
ସମ୍ମୋହନ ଶକ୍ତି ଥିବ ।
ଏଭଳି ଗୋଟିଏ ମସ୍ତକ ଦିଅନ୍ତେ
ଯାହା ସ୍ନେହ ଶ୍ରଦ୍ଧାରେ ତଳକୁ
ହୋଇଯାଉଥିବ
ଯୁଦ୍ଧ ବିଦ୍ରୋହ ବଦଳରେ କେବଳ
ଶାନ୍ତିର ଚିନ୍ତା ଖେଳି ବୁଲୁଥିବ ।
ଏଭଳି ଦୁଇଟି ବାହୁ ଦିଅନ୍ତେ
ଯାହା ପରସ୍ପରକୁ
ମିତ୍ରତାର ବନ୍ଧନରେ
ବାନ୍ଧିବା ପାଇଁ
ପ୍ରସାରିତ ହୋଇପାରୁଥିବ ।
ଏଭଳି ଗୋଟିଏ ମନ ଦିଅନ୍ତେ
ଯେଉଁଠି ସମସ୍ତେ ଏକ ଭଳି ଲାଗନ୍ତେ
ଜାତି ଭେଦର ସ୍ୱର ନଥିବ
ଏଭଳି ଦୁଇଟି ଗୋଡ଼ ଦିଅନ୍ତେ
ଯାହା ସଭିଙ୍କ ପାଇଁ ଦୌଡୁଥିବ ।
ଚାଲୁ ଚାଲୁ ଭାବେ
ସତରେ କଣ ଏପରି ସମ୍ଭବ
ହଁ ତୋର ଲୀଳା ତୋର ଖେଳ
କିଛି ଗୋଟିଏ କର
ସବୁବେଳେ ତୋର କୃପାଦୃଷ୍ଟି ଥାଉ
ଜଗତର କଲ୍ୟାଣ ହେଉ ।

*ସମ୍ପାଦକ, ଶିବାନୀ,ଭଦ୍ରକ*

## ସ୍ୱର୍ଗଦ୍ୱାର

*ଆଦ୍ୟାଶା ମହାପାତ୍ର*




କିଏ କରିଥାଏ ପାପ ଅବା
କିଏ କରିଥାଏ ପୂଣ୍ୟ
କିଏ ଛୁଇଁଥିଲା ସଫଳତା
କିଏ ବିଫଳତାରେ ଥିଲା ଆକ୍ରାମାକ୍ରା
ସେଇଠି ନଥାଏ ବାଛବିଚାର
ସମସ୍ତେ ଦେଖନ୍ତି ସ୍ୱର୍ଗଦ୍ୱାର
ସମସ୍ତଙ୍କର ହୁଏ
ସେଠି ଜୟ ଜୟକାର
ଜୀବ ଛାଡିଗଲେ ସଭିଏଁ ମୁର୍ଦ୍ଦାର
ଦେହ ହୋଇଯାଏ ମଢ
ସେଇଠି ଉପୁଜେ ଛୁଆଁ ଅଛୁଆଁର ବିଚାର
କିଏ ଧନୀ ଅବା କିଏ ଗରିବ
କିଏ ରୂପବାନ ବା କିଏ ଗୁଣବାନ
ଫରକ ନଥାଏ କିଛିର
ସର୍ବହରାର ଅବା ଐଶ୍ୱର୍ଯ୍ୟଶାଳୀର
ସାମ୍ୟବାଦ ରେ ଉଦବୁଦ୍ଧ
ତେଣୁ ଲାଗେ ସ୍ୱର୍ଗଦ୍ୱାର
ସେଇଠୁ ପଡ଼ିଛି ବାଟ
ସିଧାସଳଖ ସ୍ୱର୍ଗକୁ
ସେଇଥିପାଇଁ ତ ମହୋଦଧିରେ
ବୁଡ ଦେଇ
ସେଇଠି ଠିଆ ଦାୟିତ୍ୱବାନ ପୁଅ
ଅରପିବାକୁ ମୁଖାଗ୍ନି
ଉଦ୍ଧାର କରିବାକୁ ପୁତ୍ ନକ୍ଷତ୍ରରୁ
ନର୍କ ପଥକୁ ନଛାଡି
ସ୍ୱର୍ଗ କୁ ପଥ ଦେଖାଇବାର
ଅଭୀପ୍ସା ନେଇ
ଦେହ ହୁଏ ଆତ୍ମା ରହିତ
ସ୍ୱର୍ଗଧାରରେ ଉପନୀତ ॥

*ନୂଆପଡା, କଟକ*

## ନେପଥ୍ୟେ

*ସୁଧାକର ରାଉତ*



ମୁଁ ରଙ୍ଗମଞ୍ଚର କଳାକାର
ଅଭିନୟ ଚରିତ୍ର ଭଦ୍ରଲୋକ
ଦର୍ଶକମାନେ ନିଜ ମାପକାଠିରେ
ମାପିଚାଲନ୍ତି
ଦେଖି ମୋ ହାବଭାବ,
ଚାଲିଚଳନ ଆଉ ଭେକ ।
ମୁଁ କଣ ମୋତେ ଭଲଭାବେ ଜଣା
ମୋ ଅସାମାନ୍ୟ ସଂଳାପରେ
ସଭିଏଁ ହୁଅନ୍ତି ବାଟବଣା ।
ସେମାନେ ବା କାହିଁ ପାଇବେ
ମୋ ସିନ୍ଧୁକରେ
ଥିବା ଅମଣିଷପଣିଆର ଚାବି ।
ବିଭୋରିତ କରତାଳି
ମୁଁ ଶୁଣେ ବାଃ ବାଃ ଶବଦେ
ମୋ ଆତ୍ମାରେ ବନ୍ଧା ହୋଇଯାଏ
ଅଭିନୟର ଶିକୁଳୀ ।
ସୁଖ ଦୁଃଖର ଫେଣ୍ଟା ଫେଣ୍ଟିର
ଆତ୍ମସନ୍ତୋଷତାରେ
ମୁଁ ନିଜକୁ ପଖାଳେ ।
କାହା ଚକ୍ଷୁର ଲୁହଧାର
କାହା ହୃଦର ସହାନୁଭୂତିର ଚିତ୍କାର
ଲୁଚିଯାଏ ମୋ ଅନ୍ଧାରୁଆ ମନ ଭିତରେ
ମୁଁ ବଞ୍ଚିଯାଏ ଅସନ୍ତୁଳିତ ଭାବେ
ପ୍ରତିକୂଳ ପରିସ୍ଥିତି ରେ ।
ପ୍ରଜାପତିର ଡେଣା ଲାଗିଥିବା ମନଟି
ଅସ୍ଥିରତା ର ଶିକାର ହୋଇ
ଫିଙ୍ଗିଦିଏ ମୋ ବିବେକକୁ
ନେପଥ୍ୟରେ ।

ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨

## ପ୍ରଶ୍ନଟିଏ ଶୂନ୍ୟତାକୁ

*ନିରଞ୍ଜନ ସାହୁ*



ଶୂନ୍ୟ ଶୂନ୍ୟ ମହାଶୂନ୍ୟ ଭିତରେ
ପୂର୍ଣ୍ଣତାର ପ୍ରାପ୍ତି ଯିଏ
କାହିଁକି କେଜାଣି ନିଷ୍ଠୁର ବିଧାତା
ତାହାକୁ ଛଡାଇ ନିଏ ?
ଯିଏ ରଚିଥାଏ ହୃଦୟ ଭିତରେ
ସ୍ୱତନ୍ତ୍ର ଭାବରେ ସ୍ଥାନ
ଯିଏ କହିଥାଏ ମୁଁ ଗୋଟେ ମୁରୁଖ
ଥାଇକି ଅଗାଧ ଜ୍ଞାନ
କାହିଁକି ସେ ଦୁଃଖ ଦେଇ ଚାଲିଯାଏ
ଏକଥା କହିବ କିଏ ?
ଯାହା ପାଇଁ ଦିନେ ସଭିଙ୍କ ଅପେକ୍ଷା
ରହିଥାଏ ମନେମନେ
ଯିଏ ଦୂରେଇଲେ ନିଆଁ ଲାଗିଯାଏ
ସଭିଙ୍କର ହୃଦ ବନେ
କେମିତି ତାହାରି ମାୟାକୁ କାଟିବା
ଅପାଶୋରା ପରା ସିଏ ।
ଯିଏ ପାଶେ ଥିଲେ ଖୁସିର ଜୁଆର
ମନ ସାଗରରେ ଉଠେ
ଯାହା କଥା ଭାବିବାକୁ ଭଲଲାଗେ
ବସିକି ପୋଖରୀ ତୁଠେ
ଯିଏ ହସିଦେଲେ ଆତ୍ମା ଶାନ୍ତିପାଏ
ଯିଏ ସ୍ୱପ୍ନ ଭରିଦିଏ ।
ଯିଏ ନାହିଁ ବୋଲି ସାରା ଜୀବନଟା
ଲାଗେ ବଡ଼ ହାହାକାର
ଯାହା ବିନା ସବୁକିଛି ଥାଇ ମଧ୍ୟ
ସବୁକିଛି ନାରଖାର
ନିର୍ବାକ , ନିଷ୍ପନ୍ଦ , ଶ୍ରୀହୀନ ଭାବେ
ମୁଁ
ସାଜେ ଶିଳା ମୂର୍ତ୍ତିଟିଏ ।

*ନିହଲ ପ୍ରସାଦ ,*
*ଗଁଡିଆ ପାଟଣା*
*ଢେଙ୍କାନାଳ*
*ମୋ : ୯୯୩୮୭୪୧୫୪୩*

## ପେନ୍ କିଲର୍



ସୁଚରିତା ମହାନ୍ତି

ପୂଜା ପାଖେଇ ଆସୁଛି,ପତ୍ରିକା କାମ ଚାଲିଲାଣି,ବିଭିନ୍ନ ପ୍ରକାରର କବିତା, ଗଳ୍ପ,ପ୍ରବନ୍ଧ ଇତ୍ୟାଦି ପରିପୂର୍ଣ୍ଣ ହୋଇଥିବା ସୁନ୍ଦର ସୁନ୍ଦର ପତ୍ରିକା ବଜାରକୁ ଆସିବ। ବିଶେଷକରି ସାହିତ୍ୟିକମାନଙ୍କର ଗୋଟିଏ ଉତ୍ସାହ ଥାଏ ପୂଜା ବିଶେଷାଙ୍କରେ ତାଙ୍କର ଲେଖାଟିଏ କେମିତି ସ୍ଥାନ ପାଇବ । ସେଥିପ୍ରତି ସେମାନେ ବେଶ୍ ସଚେତନ ଥାନ୍ତି। ଏବଂ ପ୍ରକଶକମାନେ ମଧ୍ୟ ଉତ୍ତମ ଲେଖକମାନଙ୍କର ଲେଖା ପାଇ ନିଜକୁ ଗର୍ବିତ ମନେକରନ୍ତି।

ସେମିତି ଆମ ପତ୍ରିକା ପାଇଁ ଅନେକଗୁଡ଼ିଏ ଲେଖା ଆସିଲାଣି। ତା' ସହିତ ଫୋନ୍ ମଧ୍ୟ ଅନେକ ଆସୁଛି। କେବେ ସୁଦ୍ଧା ପଠେଇଲେ ହେବ ଏମିତି କିଛି ପ୍ରାସଙ୍ଗିକତାକୁ ନେଇ।

ସକାଳୁ ସକାଳୁ ଫୋନ୍ କଲ୍ ଟିଏ ଆସିଲା।ମୁଁ ଯାଇ ଦେଖେ ତ ଓଡ଼ିଶାର ଜଣେ ବିଶିଷ୍ଟ କବି ଧୀରେନ ଆଚାର୍ଯ୍ୟଙ୍କ ଫୋନ କଲ୍ ।

ମୁଁ ରିସିଭ୍ କଲି,କହିଲି, ପ୍ରଣାମ ସାର୍।କେମିତି ଅଛନ୍ତି।ସାର୍ ହସିହସି କହିଲେ, ଆଶୀର୍ବାଦ।

ସୁଚରିତା ତମେ ଭଲ ଅଛ । ମୁଁ କହିଲି, ହଁ ସାର୍ ସେମିତି ଚାଲିଛି। ହେଉ ଭଲରେ ଥାଅ।ମୁଁ ପୂଜା ସଂଖ୍ୟା ପାଇଁ ତମ ଠାରୁ ଆଗ ବହନି କଲି । ଏଯାଏଁ କେଉଁଠିକୁ ପଠାଇପାରି ନାହିଁ।ମୋତେ ଥ୍ରୋଟ୍ କ୍ୟାନ୍ସର ହୋଇଛି।ମୁଁ ଆଉ ଲେଖି ପାରୁନି।

ମୁଁ ଟିକେ ନିରବୀ ଗଲି । ଆଶ୍ଚର୍ଯ୍ୟ ମଧ୍ୟ ହେଲି ।ପଚାରିଲି ଆପଣ କ'ଣ ଅପରେସନ ହେଲେ ନା ମେଡିସିନରେ ଭଲ ହେବେ ।

ଡାକ୍ତର କ'ଣ କହୁଛନ୍ତି।ଆପଣ କେଉଁଠି ଟ୍ରିଟମେଣ୍ଟ ହେଉଛନ୍ତି। ଏମିତି ଅନେକ ପ୍ରଶ୍ନ ପଚାରିଗଲି। ସାର୍ କିନ୍ତୁ ମଝିରେ ମଝିରେ କଥା କହୁ ଖୁଁକୁରୁ ଖୁଁକୁର ହୋଇ କାଶୁଥାଆନ୍ତି।

ତାଙ୍କର କଷ୍ଟ ବାରିହୋଇ ପଡୁଥିଲା। ସେ କହୁଥାନ୍ତି,ଆରେ ସେ ପାଇଁ ମୁଁ ମୋଟେ ବ୍ୟସ୍ତ ନୁହେଁ।ଆଉ ଚାରି, ପାଞ୍ଚ ମାସ ପରେ ମୋତେ ଅଶୀବର୍ଷ ହୋଇଯିବ। ମୋର ମୃତ୍ୟୁକୁ ଭୟ ନାହିଁ।ସବୁ କାମ ସରିଯାଇଛି। ଈଶ୍ୱର ମୋ ଜୀବନକୁ ପରିପୂର୍ଣ୍ଣ କରିଛନ୍ତି।ଲୋଭ ମଧ୍ୟ ନାହିଁ ।ଝିଅ ଜ୍ୱାଇଁ ନାତିନାତୁଣୀ ସମସ୍ତେ ମୋ କଥା ବୁଝୁଛନ୍ତି ।

ସେମାନେ ଅନେକ ଜିଦ୍ ଧରିଥିଲେ ଅପରେସନ କରିଦେବାକୁ।କିନ୍ତୁ ମୁଁ ରାଜି ହେଲିନି।ମୃତ୍ୟୁ ଦିନେ ନା ଦିନେ ଆସିବ ସେଥିରେ ଭାବିବାର କ'ଣ ଅଛି।

ମୁଁ ମଝିରେ ମଝିରେ କହୁଥାଏ ସାର୍ ଆପଣଙ୍କୁ କଷ୍ଟ ହେଉଥିବ କେମିତି ସହୁଛନ୍ତି।

ସାର୍ ସେମିତି ହସିହସି କହୁଥାନ୍ତି,ମୁଁ ପେନ୍ କିଲର୍ ଖାଉଛି। ଯେତେବେଳେ ଦରଜ କରେ ସେତେବେଳେ ଗୋଟିଏ ଲେଖା ଖାଇଦିଏ।ଡାକ୍ତର କହିଲେ, ସାର୍ ଆପଣ ତ ସାହିତ୍ୟିକ ଲୋକ ଆପଣଙ୍କୁ କେମିତି ବୁଝେଇବି। ପେନ୍ କିଲର୍ ଖାଇଲେ କିଛି ସମୟ ପାଇଁ ଦରଜ କମିଯିବ ସିନା ହେଲେ ଆପଣଙ୍କର ଅନ୍ୟ ଅଙ୍ଗ ଉପରେ ତା'ର କୁପ୍ରଭାବ ପଡ଼ିବ। କେତେବେଳେ ହୃଦଘାତ ହୋଇ ଯାଇପାରେ।

ମୁଁ କହିଲି,ହେଉ କ'ଣ ଅସୁବିଧା ଅଛି। ଜୀବନ କ୍ଷଣସ୍ଥାୟୀ ଜାଣି ମଧ୍ୟ କାହିଁକି ଆଉ ସେ ଚିକିତ୍ସା ଲୋଭରେ ପଡ଼ିବି ।ଯେତେଦିନ ପର୍ଯ୍ୟନ୍ତ ଥିବି ସିଗାରେଟ୍ ଟାଣିବା ଛାଡ଼ିବିନି କିମ୍ବା ପେନ୍ କିଲର୍ ଛାଡ଼ିବିନି।ଏମିତିରେ ଆଉ ଅଛି କ'ଣ ଯେ,ବଞ୍ଚିବାକୁ ଇଛା ହେବ।

ଏବେ ପିଲାଙ୍କର କଥା ରଖି ସବୁଆଡ଼ ? ବୁଲାବୁଲି କରି ଫେରିଛି। ଶେଷଥର ପାଇଁ ବାରିପଦା ଯିବି। ସମସ୍ତଙ୍କୁ ଦେଖି ଆସିବି ।ମୁଁ କେବଳ ତାଙ୍କ ଶୁଣୁଥାଏ। କଥା ହେଉ ହେଉ କାଶ ଅଧିକ ହେବାକୁ ଲାଗିଲା ।

ଶେଷରେ କହିଲେ, ସୁଚରିତା ରହିଲି , ଭଲରେ ଥାଅ। ମୁଁ କହିଲି ସାର୍ ଆପଣଙ୍କୁ ମହାପ୍ରଭୁ ଦୀର୍ଘାୟୁ କରନ୍ତୁ। ପ୍ରଣାମ ସାର୍। କଲ୍ କଟିଗଲା। ଅନୁଭବ କଲି ତାଙ୍କୁ କେତେ କଷ୍ଟ ସହିବାକୁ ପଡୁଚି। କେମିତି ସହୁଛନ୍ତି।

କ୍ୟାନସର ଭଳି ରୋଗରୁ ମୁକ୍ତି ପାଇବା ସହଜତ ନୁହେଁ ତଥାପି ଚିକିତ୍ସା କଲେ ଅନେକ ଲୋକ ରୋଗମୁକ୍ତ ହୋଇଥାନ୍ତି।ତାଙ୍କୁ ବୁଝେଇଲେ ସେ କ'ଣ ବୁଝିବେ ବରଂଚ ଓଲଟି ବୁଝେଇ ଦେବେ। ଧୀରେନ ସାର୍ ଙ୍କୁ ଯେବେ ଠାରୁ ଜାଣିଛି,ମୋ ଜାଣିବାରେ ସେ ଭାରି ସ୍ନେହୀ ମଣିଷ।

ତାଙ୍କର କେତେଗୁଡ଼ିଏ ପୁସ୍ତକ ମୋ ପାଖକୁ ପୋଷ୍ଟାଲରେ ପଠେଇ ଛନ୍ତି।ଖୁବ୍ ଚମତ୍କାର ତାଙ୍କର ପ୍ରତ୍ୟେକଟି ସୃଷ୍ଟି।ସବୁ ସମୟରେ ମୁଖପୁସ୍ତିକାରେ ତାଙ୍କର କବିତା ଆବୃତ୍ତି ସମସ୍ତଙ୍କ ହୃଦୟକୁ ଛୁଇଁ ଯାଏ ।

କେତୋଟି ଚିଠି ମୋ ପାଖରେ ସାଇତା ହୋଇ ଅଛି। ଝିଅ ଭଳି ଆଦର କରୁଥିବା ଜଣେ ପ୍ରଫେସର ଶେଷ ଜୀବନରେ ପେନ୍ କିଲରକୁ ଆପଣେଇ ମାରାତ୍ମକ ରୋଗ ଦାଉରୁ ନିଜ କଷ୍ଟକୁ ଭୁଲିବାର ନିଷ୍ପତ୍ତି ମୋତେ ?କେବଳ ଆଶ୍ଚର୍ଯ୍ୟ କରୁଥାଏ ତାହା ନୁହେଁ ବରଂ ନୈରାଶ୍ୟର ଜାଲରେ ଛନ୍ଦି ପକାଉଥାଏ।ମୁଁ ବୁଝି ପାରୁନଥାଏ ଏମିତି ଭାବନା ତାଙ୍କ ମନକୁ ଆସିଲା କାହିଁକି।

'ପେନ୍ କିଲର୍' କ'ଣ ସତରେ ଯନ୍ତ୍ରଣାରୁ ଉପଶମ ଦିଏ ନା ପରମୁହୂର୍ତ୍ତରେ ଯନ୍ତ୍ରଣାର ଜଉ ଘରେ ଜଳିବାକୁ ଛାଡ଼ିଦିଏ । ବୁଝିବାକୁ ବୋଧେ ମୁଁ ସତରେ ଅସମର୍ଥ ଥିଲି ।

*ବାରିପଦା,ମୟୂରଭଞ୍ଜ*
*ମୋ : ୮୯୧୭୫୬୭୧୨୦୨*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Sunday September 7 | ଭୁବନେଶ୍ୱର ରବିବାର, ୭, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com


# ଜିଲ୍ଲା ସ୍ତରୀୟ ଗୁରୁ ଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ପାଳିତ



ରାୟଗଡ଼ ,(ପି.ଏନ): ରାୟଗଡ ଜିଲ୍ଲା ସ୍ତରୀୟ ଗୁରୁ ଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣି ଯୋଗ ଦେଇ ଶ୍ରୀଜଗନ୍ନାଥ ଓ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ବରେଣ୍ୟ ଅତିଥି ରୂପେ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ବିଷମକଟକର ଅଧକ୍ଷ ଜଗନ୍ନାଥ ମେହେର ଓ ଏଡିଇଓ ଭଜନଲାଲ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ । ରାୟଗଡ ଭଳି ଜିଲ୍ଲାରେ ଶିକ୍ଷାର ଗୁଣାତ୍ମକ ବିକାଶର ଆବଶ୍ୟକତା ରହିଛି । ମୌଳିକ ଭାଷା ଓ ସଂଖ୍ୟାଜ୍ଞାନର ବିକାଶ ଶିଶୁଙ୍କ ଜ୍ଞାନର ଭିତ୍ତିଭୂମିକୁ ସୁଦୃଢ କରିପାରିବ । ଶିକ୍ଷକ ଶିକ୍ଷା ସହିତ ଶିଶୁଙ୍କ ଶୃଙ୍ଖଳା, ଚରିତ୍ର ଗଠନ ସହ ସାମାଜିକ ଚଳଣି ଆଦିର ପରିବର୍ତ୍ତନରେ ସହାୟକ ହୋଇଥାନ୍ତି । ଅବସର ପ୍ରାପ୍ତ ଶିକ୍ଷକ ଅନୁଭୂତିସମ୍ପର୍ଣ୍ଣ ଅଟନ୍ତି । ଜିଲ୍ଲାରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ମୁଖ୍ୟ ସ୍ରୋତକୁ ଆଣିବାରେ ସେମାନଙ୍କ ସହଯୋଗ କାମନା କରିଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ନାହାକ ମୁଖ୍ୟମନ୍ତ୍ରୀ ଶିକ୍ଷା ଯୋଜନାର ଆଭିମୁଖ୍ୟ ଓ ବିବରଣୀ ଉପସ୍ଥାପନ କରିଥିଲେ । ଏହି ଅବସରରେ ଚଉଦ ଜଣ ଉଚ୍ଚ ବିଦ୍ୟାଳୟ, ଦଶଜଣ ପ୍ରାଥମିକ ଓ ଜଣେ ସି ଆର ସି ସି ଙ୍କୁ ପୁରସ୍କୃତ କରାଯାଇଥିଲା । ଦ୍ୱିତୀୟ ଅଧିବେଶନରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଙ୍ଘ ତରଫରୁ ରାୟଗଡ ଜିଲ୍ଲାରୁ ଆସିଥିବା ଅଠେଇଶି ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପୁଷ୍ପଗୁଛ , ଉପଢୌକନ ଓ ମାନପତ୍ର ମାଧ୍ୟମରେ ସମ୍ମାନିତ କରାଯାଇଥିଲା । ଅବସରପ୍ରାପ୍ତ ଶିକ୍ଷକଙ୍କ ଆଦର୍ଶ ଓ କର୍ମଠତାରୁ ଶିକ୍ଷା ମିଳିଥାଏ , ନୂତନ ପିଢି ଉପରେ ଏହାର ସୁପ୍ରଭାବ ରହିଥିବା ଜିଲ୍ଲା ସଂପାଦକ ନୀଳାଞ୍ଚଳ ମିଶ୍ର କହିଛନ୍ତି । ଆୟୋଜନରେ ଜିଲ୍ଲାଶିକ୍ଷାଧୀଶଙ୍କ କାର୍ଯ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟର କର୍ମକର୍ତ୍ତାଗଣ, ଜିଲ୍ଲା ଶିକ୍ଷକ ସଂଘର ସଂଗଠକ ସାନନ୍ଦ ବେନିଆ, କୋଷାଧକ୍ଷ ନୀଳାଚଳ ପଣ୍ଡା, ସଂଗଠନ ସମ୍ପାଦକ ମହେନ୍ଦ୍ର ବାଗ, ରାଜ୍ୟ ଉପସଭାପତି ନରେଶ ସିଂ, ରାଜ୍ୟ ଆଞ୍ଚଳିକ ସମ୍ପାଦକ ଦୀପକ ରାଉତ, ରାୟଗଡ ବ୍ଲକ ସଭାପତି ସଦାନନ୍ଦ ନାୟକ, ସୁରେଶ ପଟ୍ଟନାୟକ, ପୁରନ୍ଦର ପାଣି, ସରୋଜ କୁମାର ପତ୍ରି, ବିଜୟ କୁମାର ପଣ୍ଡା, ପ୍ରଦୀପ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ ।

# ପବିତ୍ର ଗୁରୁ ଦିବସ ଉପଲକ୍ଷେ ଜୟଦେବ ଶିକ୍ଷକ ସମ୍ମାନ-୨୦୨୫ ପ୍ରଦାନ



ଭୁବନେଶ୍ୱର,(ପି.ଏନ): ଆଜି ଓଡ଼ିଶାର ଅଗ୍ରଣୀ ଖବରକାଗଜ ଶାନ୍ତିସ୍ତୁପ ଏବଂ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନିର୍ମାଣ ଏଜୁକେସେନାଲ ଟ୍ରଷ୍ଟ, ଉତ୍କଳ ଜୟଦେବ ଫାଉଣ୍ଡେସନ, ଗ୍ରୀନ ଜୟଦେବ ଫାଉଣ୍ଡେସନର ମିଳିତ ଆନୁକୁଲ୍ୟରେ ବାଲକାଟି ଠାରେ ଥିବା ନିର୍ମାଣ କଲେଜ ଅଡିଟୋରିୟମ୍ ଜୟଦେବ ଶିକ୍ଷକ ସମ୍ମାନ-୨୦୨୫ ଅନୁଷ୍ଠିତ ହୋଇ ଯାଇଛି । ଶାନ୍ତିସ୍ତୁପ ଖବରକାଗଜର ସମ୍ପାଦକ ରଞ୍ଜନ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ନବରତ୍ନ କମ୍ପାନୀ ନାଲକୋର ବରିଷ୍ଠ ପ୍ରଶାସନିକ ଅଧିକାରୀ ଆଶୁତୋଷ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ନିଜର ମତବ୍ୟକ୍ତ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସମାଜସେବୀ ସୁଚିସ୍ମିତା ପୃଷ୍ଟି , ପଶିବେଶବିତ୍ ତଥା ଶିକ୍ଷାବିତ୍ ଲକ୍ଷ୍ମୀଧର ପ୍ରଧାନ, ଆଦର୍ଶ ଶିକ୍ଷକ ନାରାୟଣ ବେହେରା , ବାଲକାଟି ବିଜେପି ମଣ୍ଡଳ ସଭାପତି ତଥା ସମାଜସେବୀ ବ୍ରହ୍ମାନନ୍ଦ ସ୍ୱାଇଁ, ନିର୍ମାଣ ଏଜୁକେଶନଲ ଟ୍ରଷ୍ଟର ଅଧକ୍ଷ ସିଦ୍ଧ ?ଶ୍ୱର ମହାନ୍ତି , ଉତ୍କଳ ଜୟଦେବ ଫାଉଣ୍ଡେସନର ଅଧକ୍ଷ ପ୍ରଦିପ୍ତ କୁମାର ମହାନ୍ତି, ଗ୍ରୀନ ଜୟଦେବ ଫାଉଣ୍ଡେସନର ଅଧକ୍ଷ ତଥା ପ୍ରକୃତିବନ୍ଧୁ ଦିନବନ୍ଧୁ ଭୋଇ ପ୍ରମୁଖ ନିଜ ନିଜ ଅଭିଭାଷଣରେ ଉତ୍ତମ ସମାଜ ଗଠନରେ ଗୁରୁମାନଙ୍କ ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଅଞ୍ଚଳର ୧୦ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଜୟଦେବ ଶିକ୍ଷକ ସମ୍ମାନ ୨୦୨୫ ପ୍ରଦାନ କରାଯାଇଥିଲା । ଶିକ୍ଷାଦାନ ଯୋଗୁଁ ଆଜି ସମାଜ ଶିକ୍ଷିତ ହୋଇପାରିଛି । ଶିକ୍ଷକଙ୍କ କେବେ ଅବସର ନାହିଁ । ଜଣେ ଛାତ୍ର ବା ଛାତ୍ରୀ ପୋଲିସ ଚାକିରି ପାଉ କି ଡାକ୍ତର ଚାକିରୀ ପାଉ ସେ ଚାକିରୀ ପାଇବା ପଛରେ ବଡ଼ ହାତ ରହିଥାଏ ଗୋଟେ ଶିକ୍ଷକଙ୍କ ସମାଜରେ ଶିକ୍ଷକ ଙ୍କ ର ଗୁରୁତ୍ୱ ଅନେକ ଯାହାର ତୁଳନା ନାହିଁ । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟ ଗୋପାଳ ବେହେରା, ତପନ କୁମାର ସ୍ୱାଇଁ ପରିଚାଳନାରେ ସହଯୋଗ କରିଥିଲେ ।

# ଚପୁରୀଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ରୋଗୀ କଲ୍ୟାଣ ସମିତିର ସ୍ୱତନ୍ତ୍ର ବୈଠକ



ଗୋଲାମୁଣ୍ଡା( ପି ଏନ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଚପୁରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ରୋଗୀ କଲ୍ୟାଣ ସମିତି ର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇଥିବା ବେଳେ,ସମ୍ମାନିତ ଅତିଥି ଭାବେ ବିସିସି ବ୍ୟାଙ୍କ ସଭାପତି ଗିରିଶ ବେହେରା ,ଚପୁରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଅରବିନ୍ଦ ଦାସ ଓ ଆଜାଦ ଭୋଇ ପ୍ରମୁଖ ମଞ୍ଚାସିନ ଥିଲେ । ବିଭିନ୍ନ ଗୁରୁତ୍ୱ ପୂର୍ଣ୍ଣ ଆଲୋଚନା ସହ ଡାକ୍ତରଖାନା କୁ ଆସିଥିବା ବିଭିନ୍ନ ପ୍ରକାର ଖର୍ଚ୍ଚ ବିଷୟରେ ଆସିଥିବା ଅନୁଦାନ ର ଅଟକଳ ପରିମାଣ ର ହିସାବ ନିକାସ ହୋଇଥିଲା । ଶେଷରେ ଡାକ୍ତର ଖାନା ପରିସରରେ ନୂତନ ଭାବେ ନିର୍ମାଣ ହୋଇଥିବା ମନ୍ଦିର କୁ ନିରୀକ୍ଷଣ କରିଥିଲେ ବିଧାୟକ । ଡାକ୍ତରଖାନାର ଅନ୍ୟାନ୍ୟ ଡାକ୍ତର ,ନର୍ସ ଏବଂ ଅନ୍ୟାନ୍ୟ କର୍ମଚାରି ଉପସ୍ଥିତ ଥିଲେ ଉକ୍ତ ଅବସର ସ୍ଥାନୀୟ ଲୋକେ ଡାକ୍ତରଖାନାରେ ବିଷେଶଜ୍ଞ ଡାକ୍ତର ସହିତ ଏକ ଶବବ୍ୟଚ୍ଛେଦ ବ୍ୟବସ୍ଥା କରିବାକୁ ଦାବୀ କରିଥିଲେ । ବିଧାୟକ ଶ୍ରୀ ମିଶ୍ର ବିଗତ ଦିନରେ ଏହି ଡାକ୍ତରଖାନାକୁ ୫ କୋଟି ଟଙ୍କା ସରକାରୀ ସହାୟତା ପ୍ରଦାନ କରାଯାଇ ନୂତନ କୋଠା ଓ ଲ୍ୟାବ୍ରୋଟରି କରାଯାଇଥିବା କହିଥିବା ବେଳେ ଏହି ଦାବୀ ଗୁଡ଼ିକୁ ସରକାରଙ୍କ ଠାରେ ଉପସ୍ଥାପନ କରିବି ବୋଲି କହିଥିଲେ ।

# ୩୧ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ୨୦୨୫ର ଦ୍ୱିତୀୟ ସନ୍ଧ୍ୟାରେ ସଙ୍ଗୀତର ମହକ



ଭୁବନେଶ୍ୱର,(ପି.ଏନ): ସୃଜନ - ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଦ୍ୱାରା ଆୟୋଜିତ ୩୧ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ଖ୍ୟାତାନାମା ପ୍ରସିଦ୍ଧ ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ ଶ୍ରୀ କୁମାର ମାର୍ଦୁରଙ୍କ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ଏବଂ ପ୍ରସିଦ୍ଧ କର୍ଣ୍ଣାଟକୀ ମାଣ୍ଡୋଲିନ୍ ବାଦକ ଯୋଡ଼ି ୟୁପି ରାଜୁ ଏବଂ ୟୁ ନାଗାମଣିଙ୍କ ଦ୍ୱାରା ମାଣ୍ଡୋଲିନ୍ ବାଦନ ଉପସ୍ଥାପନ ରବୀନ୍ଦ୍ର ମଣ୍ଡପରେ ଦେଖିବାକୁ ମିଳିଥିଲା । ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପାରାଦୀପ ଫସଫେଟ୍ସ ଲିମିଟେଡର କର୍ପୋରେଟ୍ ବ୍ୟାପାରରମୁଖ୍ୟ ଶ୍ରୀଯୁକ୍ତ ସୁଧୀ ରନ ମିଶ୍ର;ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଅପରେସନ୍ ନିର୍ଦ୍ଦେଶକଶ୍ରୀଯୁକ୍ତ ସ୍ୱାମୀ ସତ୍ୟଚୈତନ୍ୟ;ବିଶିଷ୍ଟ ଗାୟକ ଶ୍ରୀଯୁକ୍ତ ବାବୁ ପାଣିଗ୍ରାହୀଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାଂ ମହାପାତ୍ରଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।କାର୍ଯ୍ୟକ୍ରମଟି ଧାରଓ୍ୱାଡର ପ୍ରସିଦ୍ଧ ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ ଶ୍ରୀ କୁମାର ମାର୍ଦୁରଙ୍କ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପରିବେଷଣରୁ ଆରମ୍ଭ ହୋଇଥିଲା । ଯାହାଙ୍କ ସଂଗୀତରେ ଖୟାଲ, ଠୁମରୀ, ଦାଦ୍ରା, ଭଜନ, କନ୍ନଡ ଦାସ ସାହିତ୍ୟ ଏବଂ ଭବଗୀତ ସହିତ ବୈଷୟିକ ସଠିକତା ଏବଂ ସୁରଳ ଅଭିବ୍ୟକ୍ତି ଅର୍ନ୍ତଭୁକ୍ତ ଥିଲା । ସାଥୀମାନଙ୍କ ବାଦ୍ୟରେ ସରଳ ଏକାଗ୍ରତାଯାହା ଶ୍ରୀ କୁମାର ମାର୍ଦୁରଙ୍କ କଳାକୁ ବିକଶିତ କରିବା ସହିତ ଜୟପୁର ଘରାନାକୁ ସୁନ୍ଦର ଭାବରେ ମିଶ୍ରଣ କରି ତାଙ୍କର ବହୁମୁଖୀ ପ୍ରତିଭା ପ୍ରଦର୍ଶନ କରିଥିଲେ ।ତାଙ୍କୁ ତବଲାରେ ଅମିତାଭ ସେନ, ହାରମୋନିୟମରେ ଆକାଶ ବିଶ୍ୱାଳ ଓ କଣ୍ଠରେ ପବନକୁମାର ଚୋବେ ସହଯୋଗ କରିଥିଲେ । ଦ୍ୱିତୀୟ ସନ୍ଧ୍ୟାରେ ପ୍ରସିଦ୍ଧ କର୍ଣ୍ଣାଟକୀ ମାଣ୍ଡୋଲିନ୍ ଯୋଡ଼ି, ମାଣ୍ଡୋଲିନ୍ ୟୁପି ରାଜୁ ଏବଂ ୟୁ ନାଗାମଣିଙ୍କ ଦ୍ୱାରା ମାଣ୍ଡୋଲିନ୍ ବାଦନ ପରିବେଷିତ ହୋଇଥିଲା । ସେମାନଙ୍କ ରାଗ ଓ ତାଳର ସୁକ୍ଷ୍ମ ବୋଧଗମ୍ୟତା ସୁମଧୁର ବାର୍ତ୍ତାଳାପକୁ ଯୋଡ଼ିବା ସହିତ ଶୁଦ୍ଧ ସଙ୍ଗୀତର ସାମସ୍ୟର ମୁହୂର୍ତ୍ତ ସୃଷ୍ଟି କରିଥିଲା । ସେମାନଙ୍କ ତାଳମେଳରେ ପ୍ରଦର୍ଶିତ ହୋଇଥିଲା ବାଦ୍ୟଯନ୍ତ୍ର ସଙ୍ଗମର ଏକ ଭାବପୂର୍ଣ୍ଣ ମୁହୂର୍ତ୍ତ ଯାହା ଦର୍ଶକଙ୍କୁ ପ୍ରେକ୍ଷାଳୟରେ ବାନ୍ଧି ରଖିଥିଲା । ତାଙ୍କୁ ଥାଭିଲ୍ (ମର୍ଦ୍ଦଳ)ରେ କେ. ସେକର ଓ ଘଟମରେ ଡକ୍ଟର ଏସ. କାର୍ତ୍ତିକ ସହଯୋଗ କରିଥିଲେ ।ଏହି ଉତ୍ସବର ପରିକଳ୍ପନା ଗୁରୁ ରତିକାଂ ମହାପାତ୍ରଙ୍କ ଦ୍ୱାରା କରାଯାଇଥିବା ବେଳେ ଏହାକୁ କାର୍ଯ୍ୟକାରୀ ଶ୍ରୀ ଦେବୀପ୍ରସାଦ ମିଶ୍ର କରିଥିଲେ । ଏହି କାର୍ଯ୍ୟକ୍ରମଟିକୁ ଡଃ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ ।

# ନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ରଙ୍କ ଗାଡିକୁ ଅଣ୍ଡା ମାଡ଼



ଗୋଲାମୁଣ୍ଡା (ପି ଏନ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଚପୁରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ରୋଗୀ କଲ୍ୟାଣ ସମିତିର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇଥିବା ବେଳେ ଦୀର୍ଘ ଦେଢ଼ ବର୍ଷ ହେବ ଅଞ୍ଚଳରେ ଦେଖା ଦେଇନଥିଲେ । ଯାହା ଫଳରେ ଉତ୍ତକ୍ତ୍ୟ ହୋଇ ଅଞ୍ଚଳବାସୀ ବିଧାୟକ ଦିବ୍ୟ ଶଙ୍କର ମିଶ୍ରଙ୍କ ଗାଡିକୁ ଅଣ୍ଡା ମାଡ଼ ସହିତ ତିବ୍ର ବିରୋଧ କରିଥିଲେ । ସୂଚନା ଥାଉକି ଅଞ୍ଚଳର କିଛି ଜଣ ମହିଳା ଓ ପୁରୁଷ ନିଜ ସମସ୍ୟା ଧରି ଅଭିଯୋଗ କରିବା ପାଇଁ ବିଧାୟକଙ୍କ ପାଖକୁ ଯାଇଥିବା ବେଳେ ଦୁଃଖର ବିଷୟ ବିଜେଡି କର୍ମୀମାନେ ତାଙ୍କ ସହିତ ଗଣ୍ଡଗୋଳ କରି ସେମାନଙ୍କୁ ଧକା ଦେଇ ସେଠାରୁ ବିଦା କରିଦେଇ ଥିଲେ । ସେଠାର ଜନସାଧାରଣଙ୍କ ମଧ୍ୟରେ ଚାପା ଉତ୍ତ ?ଜନା ଲାଗି ରହିଥିଲା । ଅପର ପକ୍ଷରେ ଶ୍ରୀ ମିଶ୍ର ନିଜ ନିର୍ବାଚନ ମଣ୍ଡଳୀକୁ ଆସିଥିବା ବେଳେ ଏତେ ସଂଖ୍ୟାରେ ପୁଲିସ ମୁତୟନ ହେବା ଘଟଣା ସାଧାରଣରେ ଚର୍ଚ୍ଚା ହେଉଛି । କାରଣ ବିଗତ ଦିନରେ ବିଧାୟକ ଦିନ ରାତି ନିଜ ନିର୍ବାଚନ ମଣ୍ଡଳୀ ରେ ବୁଲୁଥିବା ବେଳେ ଗତ ସାଧାରଣ ନିର୍ବାଚନ ପର ଠାରୁ ଗୋଲାମୁଣ୍ଡା ବ୍ଲକ ରେ ବିଧାୟକ ଙ୍କ ଦେଖା ମିଳୁ ନ ଥିବା ଯୋଗୁଁ ସାଧାରଣ ଲୋକେ ନିଜ ସମସ୍ୟା ଗୁଡିକ ବିଧାୟକ ଙ୍କ ନିକଟରେ ଉପସ୍ଥାପନା କରି ପାରୁ ନାହାନ୍ତି । ଏଣୁ ଦିନକୁ ଦିନ ଜନତାଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray